






# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ,



ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଓଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସିଂହ ସହିତ ବନ୍ଧୁତା

ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ



ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ



ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଡିସେମ୍ବର ୦୮**

# ବିପ୍ଳବୀ ସହିଦ୍ ବାଘା ଯତୀନଙ୍କ ସ୍ମରଣେ



୧୮୭୯ ମସିହା ଡିସେମ୍ବର ମାସ ୭ ତାରିଖରେ, ବଙ୍ଗଳାର ଯଶୋର ଜିଲ୍ଲାର, ଉମେଶ ଚନ୍ଦ୍ର ମୁଖାର୍ଜିଙ୍କ ଔରସରୁ ଏବଂ ମହିୟସୀ ମାତା ଶରଦଶଶୀ ଦେବୀଙ୍କ ସ୍ୱର୍ଣଗର୍ଭରୁ ଜାତ ସନ୍ତାନ ଯେ, ଦିନେ ଦେଶ ମାତୃକାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ, ଆତ୍ମବଳୀ ଦେବ ଏକଥା କେହି ସ୍ୱପ୍ନରେ କଳ୍ପନା କରିନଥିଲେ । ତାଙ୍କର ଜନ୍ମସ୍ଥାନ ଥିଲା , ନଦିୟା ଜିଲ୍ଲାର କୁଷ୍ଟିଆ ସବଡିଭିଜନ ଅନ୍ତର୍ଗତ କୟା ଗ୍ରାମ, ତାଙ୍କ ମାମୁଁ ଘରେ । ଶିଶୁପୁତ୍ରଟିର ନାମକରଣ କରାଗଲା ଯତୀନ୍ଦ୍ର ନାଥ ଶ୍ରଦ୍ଧାନାମ ଜ୍ୟୋତି । ମାତ୍ର ପାଂଚ ବର୍ଷ ବୟସରେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଯାଇଥିଲା । ପିତୃହରା ଯତୀନ୍ଦ୍ର ମାମୁଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୃଷ୍ଣନଗର ଏମ୍.ଡି ସ୍କୁଲରେ ବିଦ୍ୟାରମ୍ଭ କରି ସେହିଠାରେ ମାଟ୍ରିକୁଲେସନ ପାଶ୍ କରିଥିଲେ । ମାତା ଶରଦଶଶୀ ଦେବୀ ଥିଲେ ଜଣେ ଉଚ୍ଚକୋଟୀର ଲେଖିକା । ପିଲାଦିନୁ ଯତୀନ୍ଦ୍ରଙ୍କୁ ସେ, ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଏବଂ ଯୋଗେନ୍ଦ୍ର ବିଦ୍ୟାଭୂଷଣଙ୍କ ପରି ମହାନ ବ୍ୟକ୍ତିଙ୍କ ଆଦର୍ଶରେ ଅନୁପ୍ରାଣୀତ କରାଇ, ଜଣେ ଦେଶପ୍ରେମୀ ରୂପେ ଗଢି ତୋଳିଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ସଂସ୍ପର୍ଶରେ ଆସି ଯତୀନ୍ଦ୍ର, ତାଙ୍କର ସାମାଜିକ ଚିନ୍ତନ ଏବଂ ସ୍ୱାଧୀନତାର ଲକ୍ଷ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଦେଶବାସୀଙ୍କର ଆଧ୍ୟାତ୍ମିକତା ବୃଦ୍ଧି ନିମନ୍ତେ ସ୍ୱାଧୀନତା ଯେ ଏକାନ୍ତ ଆବଶ୍ୟକ ସେ ଏକଥା ଅନୁଭବ କରିପାରିଥିଲେ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କର ଶକ୍ତି, ସାହସିକତା, ଦୟାଭାବ ତଥା ବିଭିନ୍ନ ପୌରାଣିକ ନାଟକରେ ନିଖୁଣ ଅଭିନୟ ତାଙ୍କୁ ବେଶ ଲୋକପ୍ରିୟତା ପ୍ରଦାନ କରିଥିଲା । ତାଙ୍କ ପୁତ୍ର ଅତିନ୍ଦ୍ରନାଥଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ପତ୍ନୀ ଇନ୍ଦୁବାଳା ବାନାର୍ଜୀଙ୍କୁ ସାଙ୍ଗରେ ନେଇ ସେ ହରିଦ୍ୱାରକୁ ତୀର୍ଥ ଯାତ୍ରାରେ ବାହାରି ଗଲେ । ସେଠାରେ ଗୁରୁ ସନ୍ଥ ଭୋଲାନନ୍ଦ ଗିରିଙ୍କ ସଂସ୍ପର୍ଶ , ତାଙ୍କର



ଅର୍ନ୍ତନିହିତ ଶାନ୍ତି ବୃଦ୍ଧିରେ ସହାୟକ ହୋଇଥିଲା । ୧୯୦୬ ମସିହାରେ ସେ ଯେତେବେଳେ ତୀର୍ଥଯାତ୍ରାରୁ ଫେରିଲେ, ତାଙ୍କ ଗ୍ରାମରେ ଏକ ମହାବଳ ବାଘ ଉତ୍ପାତ କରୁଥିବାର ସମ୍ବାଦ ପାଇ, ନିଜେ ହାତରେ ଗୋଟିଏ କଟୁରି ଧରି ବାଘର ସମ୍ମୁଖୀନ ହୋଇଥିଲେ । ନିଜେ ଭୀଷଣ ଭାବରେ କ୍ଷତ ବିକ୍ଷତ ହୋଇ ମଧ୍ୟ ସେ ବାଘଟିର ବେକରେ କଟୁରି ଆଘାତ ଦ୍ୱାରା , ତାକୁ ଶେଷ କରିଦେଇଥିଲେ । ବେଙ୍ଗଲ ସରକାର, ସେ ବାଘଟିକୁ ମାରୁଥିବାର ଚିତ୍ର ଥିବା ଏକ ରୌପ୍ୟ ସିଲଡ୍ ପ୍ରଦାନ କରି ତାଙ୍କୁ ବାଘା ଉପାଧିରେ ଭୂଷିତ କରିଥିଲେ । ସେହିଦିନଠାରୁ ତାଙ୍କ ନାମ ପୂର୍ବରୁ ବାଘା ସଂଯୋଗ କରାଯାଇ , ତାଙ୍କୁ (ବାଘା ଯତୀନ)ବୋଲି ଅଭିହିତ କରାଗଲା । ୧୯୦୮ମସିହାରେ ବାଘା, ସିଲିଗୁଡି ପ୍ଲାଟଫର୍ମରେ ଏକ ତୃଷାର୍ତ ବୃଦ୍ଧଙ୍କୁ ଜଳଦାନ କରିବା ସମୟରେ, ବିନା କାରଣରେ ଚାରିଜଣ ଗୋରା ସିପାହୀ , ବାଘାଙ୍କୁ ଧକ୍କାମାରି ଔଦ୍ଧତ୍ୟ ପ୍ରଦର୍ଶନ କରିଥିଲେ । ପିଲାଦିନରୁ ଅନ୍ୟାୟର ପ୍ରତିବାଦ କରିବାରେ ଅଭ୍ୟସ୍ତ ବାଘା ,ଏକୁଟିଆ ଗୋରା ସିପାହୀଙ୍କୁ ମରଣାତ୍ମକ ଆକ୍ରମଣ କରି ରକ୍ତାକ୍ତ ଅବସ୍ଥାରେ ଶୁଆଇ ଦେଇଥିଲେ ସିଲିଗୁଡି ପ୍ଲାଟଫର୍ମରେ । ତାଙ୍କ ନାମରେ ଏଥି ନିମନ୍ତେ ଏକ ଆଇନଗତ ମାମଲା ରୁଜୁ କରାଯାଇଥିଲା, କିନ୍ତୁ ଜଣେ ଭାରତୀୟ ଖାଲି ହାତରେ, ଚାରି ଚାରି ଜଣ ଗୋରା ସିପାହୀଙ୍କୁ, ଏଭଳି ଆକ୍ରମଣ କରିବା ଖବର ପ୍ରଚାରିତ ହେବାପରେ ବିପୁଳ ଜନ ସମର୍ଥନ ଓ ଉତ୍ସାହ ପରିଲକ୍ଷିତ କରି ଇଂରେଜମାନେ ଏହି ମାମଲାକୁ ପ୍ରତ୍ୟାହାର କରି ନେଇଥିଲେ । ସେ ସମୟରେ ବାଘା ମୋଜାଫର ପୁରରେ , ବାରିଷ୍ଟର କେନେଡିଙ୍କ ନିକଟରେ ଷ୍ଟେନୋଗ୍ରାଫର ଚାକିରୀ କରିଥିଲେ । ଚାକିରୀ କରିବା ସମୟରେ ବିପ୍ଳବୀ ସଂଗଠନ ସହିତ ସମ୍ପର୍କ ତଥା ହାଓଡା ଷଡଯନ୍ତ୍ରରେ ସାମିଲ ସନ୍ଦେହରେ ତାଙ୍କୁ ଗିରଫ କରାଗଲା । ପ୍ରମାଣ ଅଭାବରୁ ସେ ଖଲାସ ହେଲେ ସତ, କିନ୍ତୁ ତାଙ୍କୁ ଚାକିରୀ ହରାଇବାକୁ ପଡିଥିଲା ।୧୯୧୪ ମସିହା ପ୍ରଥମ ବିଶ୍ୱଯୁଦ୍ଧ ସମୟରେ , ବଙ୍ଗଳାର ବିପ୍ଳବୀ ମାନେ , ଏଇ ସୁଯୋଗକୁ ହାତଛଡା ନକରି ,ଯୁବ ବିପ୍ଳବୀ ଯତୀନ୍ଦ୍ରନାଥଙ୍କୁ , ଇଂରେଜ ମାନଙ୍କ ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମ କରିବାପାଇଁ, ନେତୃତ୍ୱ ଅର୍ପଣ କରିଥିଲେ । ସଂଗଠନର ଅନ୍ୟତମ ବିପ୍ଳବୀ ମାନବେନ୍ଦ୍ର ରାୟ ଜର୍ମାନରୁ ଅସ୍ତ୍ରଶସ୍ତ୍ର ଯୋଗାଡରେ, ଏବଂ ଭାରତୀୟ ବିପ୍ଳବୀ ମାନଙ୍କୁ ଇଂରେଜ ମାନଙ୍କ ବିରୁଦ୍ଧରେ ମତାଇବାର ଦାୟିତ୍ୱରେ, ରହିଲେ ବିପ୍ଳବୀ ରାସ ବିହାରୀ ବୋଷ ଏବଂ ଶଚୀନ୍ଦ୍ର ସାନ୍ୟାଲ୍ । ସେ ନିଜେ ଦେଶ ଭିତରୁ ଅସ୍ତ୍ରଶସ୍ତ୍ର କ୍ରୟ କରିବା ନିମନ୍ତେ, ଇଂରେଜ ମାନଙ୍କ ସମର୍ଥକ ଧନୀ ବ୍ୟକ୍ତିଙ୍କର ତଥା ସରକାରୀ ଅର୍ଥ ଲୁଟ୍ କରିବା କାର୍ଯ୍ୟରେ ଲାଗିପଡିଲେ । ସେହି ସମୟରେ ବିଦେଶରୁ, କଲିକତାସ୍ଥିତ ରିଡକା କମ୍ପାନୀକୁ ଆସୁଥିବା ଦୁଇସହ ବାକ୍ସ ପିସ୍ତଲ ଏବଂ ଦଶଟି ବାକ୍ସ ଗୋଳାବାରୁଦକୁ,ଶ୍ରୀ ମିତ୍ର ନାମକ ଜଣେ କିରାଣୀ, ବିପ୍ଳବୀ ମାନଙ୍କୁ ଚୋରାରେ ବିକ୍ରୟ କରିଦେଇ ଚାକିରୀ ଛାଡି ପଳାୟନ କଲେ । କିନ୍ତୁ ଇଂରେଜ ମାନେ, ଏହା ବାଘା ଯତୀନ ସଂଗଠନର ଲୁଣ୍ଠନ କାର୍ଯ୍ୟ ବୋଲି ସନ୍ଦେହକରି , ତାଙ୍କ ପଛରେ ପୋଲିସ ଲଗାଇଦେଲେ । ଚତୁର ବାଘା ,ଏ ଖବର ପାଇ, ତାଙ୍କର ଚାରିଜଣ ବିଶ୍ୱସ୍ତ ସହକର୍ମୀ, ମନୋରଂଜନ ସେନ୍‌ଗୁପ୍ତ, ନୀରେନ୍ଦ୍ର ଦାସଗୁପ୍ତ, ଚିତ୍ରପ୍ରିୟ ରାୟ ଏବଂ ଜ୍ୟୋତିଷ ପାଳଙ୍କୁ ସାଥିରେ ନେଇ କଲିକତାରୁ ଛଦ୍ମବେଶରେ ଆସି ମୟୁରଭଞ୍ଜର କପ୍ତିପଦା ଠାରେ ଆତ୍ମଗୋପନ କଲେ । ଜର୍ମାନୀରୁ ଆସୁଥିବା ଅସ୍ତ୍ରଶସ୍ତ୍ର ବାଲେଶ୍ୱରସ୍ଥିତ ଚାନ୍ଦିପୁର ବନ୍ଦରରୁ ସଂଗ୍ରହ କରିବା ମଧ୍ୟ, ଓଡିଶା ଆସିବାର ଅନ୍ୟତମ ଲକ୍ଷ ଥିଲା । ବାଲେଶ୍ୱରର ମୋତିଗଞ୍ଜ ବଜାରରେ, ୟୁନିଭର୍ସିଆଲ ଏମ୍ପୋରିୟମ ନାମରେ ଏକ ସାଇକେଲ ଦୋକାନ ଥିଲା ବିପ୍ଳବୀ ମାନଙ୍କର ମୁଖ୍ୟ ଆଡ୍ଡାସ୍ଥଳୀ । ୧୯୧୫ ସେପ୍ଟେମ୍ବର ୯ତାରିଖ ଦିନପୋଲିସ ଖବର ପାଇ ଏହି ଦୋକାନ ଉପରେ ଚଢାଉ କଲାବେଳକୁ ସମସ୍ତେ ଫେରାର । ଖାନତଲାସ ପରେ ଖଣ୍ଡିଏ ସନ୍ଦେହଜନକ କାଗଜ ଟୁକୁଡା ପାଇଲେ, ଯେଉଁଥିରେ ଲେଖାଥିଲା, କପ୍ତିପଦା । ସଙ୍ଗେ ସଙ୍ଗେ ଗୋଇନ୍ଦା ବିଭାଗର ଉଚ୍ଚ ଅଫିସର ମିଃ ଡେନହାମ୍, ବାଲେଶ୍ୱର ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ସାଙ୍ଗରେ ନେଇ ଯାତ୍ରା ଆରମ୍ଭ କଲେ କପ୍ତିପଦାକୁ । ଜଙ୍ଗଲ ରାସ୍ତାରେ ଏକମାତ୍ର ଗମନାଗମନର ମାଧ୍ୟମ ହସ୍ତୀବାହନର ଘଂଟି ଧ୍ୱନି ଶୁଣି ଜଣେ ଗ୍ରାମବାସୀ, ସାଧୁବେଶୀ ବିପ୍ଳବୀ ମାନଙ୍କୁ ସତର୍କ କରାଇ ଦେଇଥିଲେ । ସେମାନଙ୍କ ପଳାୟନ ପରେ ପରେ, ପୋଲିସ କପ୍ତିପଦାର ସାଧୁ ଆଶ୍ରମ ଖାନତଲାସ କରି ପାଇଥିଲା, ସୁନ୍ଦରବନର ନକ୍ସା ଏବଂ ଅସ୍ତ୍ରଶସ୍ତ୍ର ବୋଝେଇ ଜାହାଜ ସଂପର୍କରେ କେତେକ ଗୁପ୍ତ ତଥ୍ୟ । ତତ୍‌କ୍ଷଣାତ କଲିକତାର ଅତ୍ୟାଚାରୀ ପୋଲିସ କମିଶନର ମିଃ ଟେଗାର୍ଟ, ବାଲେଶ୍ୱରର ମାଜିଷ୍ଟ୍ରେଟ୍ ଏବଂ କିଛି ପୋଲିସଙ୍କ ସହିତ ବିପ୍ଳବୀ ମାନଙ୍କ ପଶ୍ଚାତଧାବନ କଲେ । ଜଙ୍ଗଲରେ ଗୋଟିଏ ପାହାଡ ନିକଟରେ ଆତ୍ମଗୋପନ କରିଥିବା ବିପ୍ଳବୀ ଏବଂ ପୋଲିସ ଫଉଜ ମାନଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଘମାଘୋଟ ଯୁଦ୍ଧ । ମାତ୍ର ଚାରିଜଣ ବିପ୍ଳବୀ କେତେ ସମୟ ବା ସାମ୍ନା କରିପାରିବେ ପୋଲିସ ଫଉଜକୁ । ସର୍ବପ୍ରଥମେ ଇଂରେଜ ମାନଙ୍କ ଗୁଳିରେ ଆହତ ହେଲେ ଚିତ୍ରପ୍ରିୟ । ତାଙ୍କୁ କୋଳ ଉପରକୁ ଟାଣି ଆଣିବା ବେଳକୁ ଆଉ ଗୋଟିଏ ଗୁଳି ବାଜିଲା ବାଘାଯତୀନଙ୍କ ପେଟରେ । ଚତୁର୍ଦ୍ଦିଗରୁ ଘେରିଗଲେ ପୋଲିସ ବାହିନୀ । ସହିଦ ହେବାର ପ୍ରଥମ ଗୌରବ ଅର୍ଜନ କରି ଚିତ୍ରପ୍ରିୟ ସବୁଦିନ ପାଇଁ ଆଖିବୁଜିଦେଲେ, ଯତୀନଙ୍କ କୋଳରେ । ବାଘାଯତୀନଙ୍କୁ ବାଲେଶ୍ୱର ହାସପାତାଲରେ ଭର୍ତି କରାଗଲା । ନରେନ୍ଦ୍ର, ମନୋରଂଜନ ଏବଂ ଜ୍ୟୋତିଷ ଗିରଫ ହେଲେ ଓ ଟ୍ରିବ୍ୟୁନାଲ ଗଠିତ ହୋଇ ଜ୍ୟୋତିଷଙ୍କୁ ଆଜୀବନ କାରାଦଣ୍ଡ ଏବଂ ଅନ୍ୟ ଦୁଇଜଣଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରାଗଲା । ୧୯୧୫ମସିହା ସେପ୍ଟେମ୍ବର ୧୦ ତାରିଖ ଦିନ ଭାରତର ସଶସ୍ତ୍ର ବିପ୍ଳବୀ ମାନଙ୍କ ଭାଗ୍ୟାକାଶରୁ ନିର୍ବାପିତ ହୋଇଗଲା ଏକ ଉଜ୍ଜଳ ନକ୍ଷତ୍ର । ଶେଷ ନିଶ୍ୱାସ ତ୍ୟାଗ ବେଳକୁ, ଯତୀନ୍ଦ୍ରଙ୍କ କ୍ଷୀଣ କଣ୍ଠସ୍ୱରରୁ ଶୁଭୁଥିଲା ବନ୍ଦେ ମାତରଂ , ବନ୍ଦେ ମାତରଂ , ବିଦାୟ ମାତୃଭୂମି ।

**ପ୍ରଦୀପ୍ତ ଆଚାର୍ଯ୍ୟ**, ଶିକ୍ଷାବିତ୍, ଇଶାଣୀବ୍ରହ୍ମପୁର, କଟକ । ମୋ-୬୩୭୧୫୯୩୨୨୦

# ପାଇକ ସ୍ୱାଭିମାନର ରକ୍ତଭିଜା ଇତିହାସ



**"History is not History unless it is the Truth."** ଆବ୍ରାହମ ଲିଙ୍କନଙ୍କର ଏହି ଉକ୍ତି ଏକ ସର୍ବକାଳୀନ ସତ୍ୟ । ତଥ୍ୟ, ମତ ଓ ସତ୍ୟକୁ ନେଇ ଇତିହାସ । ନିରପେକ୍ଷ ବିଶ୍ଲେଷଣର ଆଧାର ହେଉଚି ଇତିହାସର ମୂଳପିଣ୍ଡ । ଏଥିରେ କାହାକୁ ଅଧିକ, କାହାକୁ କମ୍ ବୋଲି ସ୍ୱଇଚ୍ଛାରେ ଦର୍ଶାଇହେବନାହିଁ । ନାନା ମୁନି ନାନା ମତ ହୋଇପାରେ । ତେବେ ସଂଖ୍ୟାଗରିଷ୍ଠ ମତକୁ ଆମକୁ ସମ୍ମାନ ଦେବାକୁ ପଡ଼ିବ । ପ୍ରସଂଗ ପାଇକ ବିଦ୍ରୋହର । ଦୁଇ ଶହ ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଆଭାବେ ଏକ ଅଫୁରନ୍ତ ଉଦବେଳନ, ତେବେ ତା' ସାଂଗକୁ ବିରୋଧାଭାସର ରାଜନୀତି ଏକ ବିଡ଼ମ୍ବନା । ଏଇ ପରିପ୍ରେକ୍ଷୀରେ ସଂଖ୍ୟାଗରିଷ୍ଠ ମତକୁ ଉପସ୍ଥାପିତ କରିବା ଏବଂ ସେ ନେଇ ଆଗେଇଯିବା ବୁଦ୍ଧିମାନର କାମ ହେବ । ଇତିହାସ ଯାହାକୁହେ, ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ୧୮୧୭-ପାଇକ ବିଦ୍ରୋହ ପୂର୍ବରୁ ୧୮୦୪ରେ ହୋଇଥିଲା ଖୋର୍ଦ୍ଧା ରାଜ ବିଦ୍ରୋହ । ଏହାର ନେତୃତ୍ୱ ନେଇଥିଲେ ନାବାଳକ ରାଜା ମୁକୁନ୍ଦଦେବ-୨ୟଙ୍କ ଅଭିଭାବକ ଜୟୀକୃଷ୍ଣ ରାଜଗୁରୁ ମହାପାତ୍ର(ଜୟୀ ରାଜଗୁରୁ) । ୧୮୦୪ ମସିହାରେ ଖୋର୍ଦ୍ଧା ରାଜାଙ୍କ ବିଦ୍ରୋହ ଓ ୧୮୧୭ ମସିହାରେ ସଂଗଠିତ ବିଦ୍ରୋହ ମଧ୍ୟରେ ମୌଳିକ ପାର୍ଥକ୍ୟ ରହିଛି । ମରହଟ୍ଟାମାନଙ୍କୁ ପୂର୍ବରୁ ହରାଇଥିବା ମାହାଲଗୁଡ଼ିକ ଫେରି ପାଇବା ପାଇଁ ଏବଂ ଇଂରେଜମାନେ ପ୍ରତିଶ୍ରୁତି ଦେଇଥିବା ଏକ ଲକ୍ଷ ଟଙ୍କା ପାଇବା ପାଇଁ ୧୮୦୪ ରାଜ ବିଦ୍ରୋହ ହୋଇଥିଲା । ଏହି ବିଦ୍ରୋହ ରାଜାଙ୍କ ନିର୍ଦ୍ଦେଶରେ ହୋଇଥିବା ବେଳେ ୧୮୧୭ ଗଣ ବିଦ୍ରୋହକୁ ରାଜା ସ୍ୱୀକୃତି ଦେଇନଥିଲେ । ଇଂରେଜ କୁଶାସନ, କରବୃଦ୍ଧି, କଉଡ଼ିର ଅବମୂଲ୍ୟାୟନ ଓ ଉଚ୍ଛେଦ ଏକଚାଟିଆ ଲବଣ ଉତ୍ପାଦନ, ଲବଣରେ ମୂଲ୍ୟବୃଦ୍ଧି, ସୂର୍ଯ୍ୟାସ୍ତ ଆଇନ୍ ସର୍ବରାକାର ଓ ଅମଲାମାନଙ୍କ ଅତ୍ୟାଚାର ବିରୋଧରେ ପୁଞ୍ଜିଭୂତ ଅସନ୍ତୋଷ ଫଳରେ ୧୮୧୭ ମସିହାରେ ଏକ ବଡ଼ ଗଣବିପ୍ଳବ ଆରଂଭ ହୋଇଥିଲା । ଇଂରେଜ ସରକାର ନିଜ କୁଶାସନର ଅସଲ ସ୍ୱରୂପକୁ ଲୁଚାଇବା ପାଇଁ ଏହି ବିଦ୍ରୋହକୁ ପାଇକମାନଙ୍କର ବିଦ୍ରୋହ ଅର୍ଥାତ ନୂତନ ଭୂବନ୍ଦୋବସ୍ତ ଫଳରେ ନିଷ୍କର ଭୂମି ହରାଇଥିବା ପାଇକମାନଙ୍କର ବିଦ୍ରୋହ ବୋଲି ଆଖ୍ୟା ଦେଇଥିଲେ ।

ବାସ୍ତବରେ ୧୮୧୭ ମସିହାର ବିଦ୍ରୋହ ଥିଲା ଏକ ଗଣ ବିପ୍ଳବ । ଏଥିରେ ପାଇକମାନଙ୍କ ବ୍ୟତୀତ ସବୁ ଶ୍ରେଣୀର ଲୋକେ, ଯଥା ଲବଣ ଉତ୍ପାଦନ କରୁଥିବା ମଲାଙ୍ଗୀ, ସୂର୍ଯ୍ୟାସ୍ତ ଆଇନ୍ ଅନୁସାରେ ଜମିଦାରୀ ହରାଇଥିବା ଲୋକେ, ସାଧାରଣ କୃଷକ, ଜଗନ୍ନାଥ ମନ୍ଦିରର ପୂଜକ ଓ ଆଦିବାସୀ କନ୍ଧମାନେ ଯୋଗ ଦେଇଥିଲେ । ୧୮୧୭ ମସିହାରେ ମାର୍ଚ୍ଚ ୨୯ ତାରିଖରୁ ବାଣପୁରରୁ ଆରମ୍ଭ ହୋଇ ସମଗ୍ର ଖୋର୍ଦ୍ଧାରେ ବିପ୍ଳବର ବହ୍ନି ପ୍ରଜ୍ଜ୍ୱଳିତ ହୋଇ ୧୮୧୮ ଡିସେମ୍ବର ମାସ ବେଳକୁ ବିଦ୍ରୋହ ଦବି ଯାଇଥିଲା । ଏହାପରେ କେତେକ ବିଦ୍ରୋହୀ ଲୁଚା ଛପା ଭାବରେ ପ୍ରଶାସନକୁ ଅଚଳ କରିବା ପାଇଁ କାର୍ଯ୍ୟ କରୁଥିଲେ । ବକ୍ସି ଜଗବନ୍ଧୁ ଘୁମୁସର ଓ ନୟାଗଡ଼ ରାଜାଙ୍କ ସହାୟତାରେ ଗୋପନୀୟ ଭାବେ ବିଦ୍ରୋହାତ୍ମକ କାର୍ଯ୍ୟ ଚଳାଇଥିଲେ । ଶେଷରେ ଇଂରେଜ ସରକାର ବକ୍ସିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆଲୋଚନା ଚଳାଇଲେ ଏବଂ ତାଙ୍କୁ ମାସିକ ଭତା ଦେଇ କଟକରେ ରଖାଇଲେ । ଏହା ଥିଲା ୧୮୨୫ ମସିହା ମଇମାସ ୨୭ ତାରିଖର ଘଟଣା । ତାଙ୍କ ସଂଗ୍ରାମର ଅବଧି ଥିଲା ଆଠ ବର୍ଷ ଏକ ମାସ ଅଠେଇଶ ଦିନ । ଭାରତରେ ଇଂରେଜମାନଙ୍କ ବିରୋଧରେ ଯେତେ ବିଦ୍ରୋହ ହୋଇଛି ଏହା ହେଉଛି ସର୍ବାଧିକ ସମୟ । ୧୮୧୭ ଗଣ ବିଦ୍ରୋହରେ ବକ୍ସି ମୁଷ୍ଟିମେୟ ସହଚରମାନଙ୍କ ସାହାଯ୍ୟରେ ଗରିଲା ଯୁଦ୍ଧ କରି କରି ପରିଶେଷରେ ଲୁଚିବୁଲି ଆତ୍ମରକ୍ଷା କରିବାକୁ ବାଧ ହୋଇଥିଲେ । ସେହି ଦୁର୍ଦ୍ଦିନରେ ହୋଇଥିବା ଦୁର୍ଦ୍ଦଶା ସମ୍ବନ୍ଧରେ "ଅଠରଶହ ସତର" ଉପନ୍ୟାସରେ ଗୋଦାବରୀଶ ମିଶ୍ର ଲେଖିଛନ୍ତି ଯେ, "ଏପରି ଗଛମୂଳ ନଥିଲା ଯେଉଁଠି ବକ୍ସି, ଦୁଇରାତି ଶୋଇଥିଲେ, ଏପରି ପୋଖରୀ ନଥିଲା ଯେଉଁଠି ସେ ଦୁଇଥର ପାଣି ପିଇଥିଲେ ଏବଂ ଏପରି ଘର ନଥିଲା ଯେଉଁଠି ସେ ଦୁଇଥର ଭୋଜନ କରିଥିଲେ । ବକ୍ସି ଶ୍ୱାପଦ ସଂକୁଳ ବଣ ପାହାଡ଼ରେ ଲୁଚି ବୁଲି ଏକ ପ୍ରକାର ବଣ ମଣିଷ ଜୀବନ ଜିଇଁଥିଲେ" ।

୧୮୦୪ ରାଜ ବିଦ୍ରୋହ ସମୟରେ କେବଳ ରାଜାଙ୍କ ଦରମାପ୍ରାପ୍ତ ପାଇକମାନେ ଲଢ଼ିଥିଲେ କିନ୍ତୁ ୧୮୧୭ ଗଣ ବିପ୍ଳବ ବେଳେ ପ୍ରତ୍ୟେକ ବର୍ଗର ଜନସାଧାରଣ ସହଯୋଗ, ସମର୍ଥନ ତଥା ସଂଗ୍ରାମରେ ଆଗେଇ ଆସିଥିଲେ । ଫଳରେ ଏହି ଗଣ ବିପ୍ଳବର ନେତା ବକ୍ସିଙ୍କୁ ଥରକୁ ଥର ଚେଷ୍ଟା କରି ମଧ୍ୟ ଇଂରେଜମାନେ ଧରିପାରୁନଥିଲେ । ଏହି ବିପ୍ଳବ ସମ୍ପର୍କରେ ଏହାର ବ୍ୟାପକତା ଓ ଭୟାବହତାକୁ ନେଇ ବ୍ରିଟିଶ ଐତିହାସିକ ଜର୍ଜ ଟୟନବି ଲେଖିଛନ୍ତି :- "It was not long however, before we had to encounter a storm which burst with such fury as to threaten our expulsion, if not from the whole of Orissa at least from the territory of Khurda. This was the rebellion milita to whom the English conquest had brought little, but ruin and expulsion." - ଅର୍ଥାତ ବକ୍ସି ଜଗବନ୍ଧୁଙ୍କ ପାଇକ ବିଦ୍ରୋହ ଏପରି ଏକ ଭୟାନକ ରୂପ ଧାରଣ କରିଥିଲା ଯେ ଖୋର୍ଦ୍ଧା ଅଂଚଳରୁ ବ୍ରିଟିଶଙ୍କୁ ବିତାଡ଼ିତ କରିବାକୁ ସେମାନଙ୍କ ସ୍ଥିତିକୁ ଏକ ଶକ୍ତ ଧକ୍କା ଦେଇଥିଲା । Robert Ker, Commissioner to Governor General 31 ଅଗଷ୍ଟ ୧୮୧୮ରେ ଲେଖିଥିଲେ "For a short period in consequence of the untoward occurrance of April 1817, a belief prevailed in almost incredible degree amongst the natives of Cuttack that the English were about to be expelled." ପୁନଶ୍ଚ ବକ୍ସିଙ୍କ ନେତୃତ୍ୱରେ ପାଇକମାନେ ୧୮୧୭ ଏପ୍ରିଲ ୧୪ ରୁ ୧୮ ପର୍ଯ୍ୟନ୍ତ ପୁରୀକୁ ଇଂରେଜମାନଙ୍କ କବଳରୁ ମୁକ୍ତ କରିବା ବ୍ରିଟିଶ ଇଣ୍ଡିଆର ଏକ ବିଶେଷ ଘଟଣା ଥିଲା ।

ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ପାଇକ ଗଣ ବିପ୍ଳବ ପରେ ୧୮୨୭ରେ ତାପଙ୍ଗ ଯୁଦ୍ଧ ଓ ୧୮୩୬ରେ ବାଣପୁର ବିଦ୍ରୋହ ବା ଫଂଚୁଆ – ଫତୁରୀ କନ୍ଧମେଳି ହୋଇଥିଲା । ଇଷ୍ଟ ଇଣ୍ଡିଆ କମ୍ପାନୀ ୧୮୦୩ରେ ଖୋର୍ଦ୍ଧା ଆସିବା ପରେ ୧୮୦୪ରେ ହୋଇଥିଲା ଖୋର୍ଦ୍ଧା ରାଜ ବିଦ୍ରୋହ । ଖୋର୍ଦ୍ଧା ରାଜ ବିଦ୍ରୋହ ପୂର୍ବରୁ ଦକ୍ଷିଣ ଓଡ଼ିଶାରେ ମଧ୍ୟ ରାଜ ବିଦ୍ରୋହମାନ ସଂଘଟିତ ହୋଇଥିଲା । ଡ. ସୁରେନ୍ଦ୍ରନାଥ ପାଣିଗ୍ରାହୀଙ୍କ 'ଗଂଜାମ: ଐତିହ୍ୟ ଓ ପରମ୍ପରାର ପୁଣ୍ୟଭୂମି' ପୁସ୍ତକର ୨୨୯ ପୃଷ୍ଠାରେ ଉଲ୍ଲେଖ ଅଛି, "ପାହାଡ଼ ପର୍ବତଘେରା ଆଦିବାସୀ ଅଧ୍ୟୁଷିତ ଶେରଗଡ଼ ରାଜ୍ୟରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ଅଭୂତପୂର୍ବ ଓ ଅସାଧାରଣ ଥିଲା । ରାଜା ଅଦ୍ୱୈତ ସିଂହଦେଓ(୧୭୭୯-୧୮୦୦) ବ୍ରିଟିଶ ଶାସନ ବିରୋଧରେ ପ୍ରବଳ ଆନ୍ଦୋଳନ ଚଳାଇଥିଲେ । ରାଜା ଅପୂର୍ବ ସାହସୀ ଓ ବୀରତ୍ୱର ଅଧିକାରୀ ଥିଲେ । ତାଂକ ମାମୁଙ୍କ ରାଜ୍ୟ ଥିଲା ଘୁମୁସର । ସେହି ରାଜ୍ୟରେ ଇଂରେଜମାନଙ୍କ ଦମନଲୀଳା ତାଙ୍କ ମନରେ ଗଭୀର ଆଘାତ ଦେଇଥିଲା । ଘୁମୁସରର ରାଜା ଶ୍ରୀକର ଭଂଜଙ୍କ ସହ ମିଶି ଇଂରେଜ ସୈନ୍ୟଙ୍କ ସହ ଯୁଦ୍ଧ କଲେ । ବଡ଼ଖେମୁଣ୍ଡି, ସାନଖେମୁଣ୍ଡି, ଘୁମୁସର, ମହୁରୀ ପ୍ରଭୃତି ଜମିଦାରଙ୍କୁ ଏକାଠି କରି ବିଦ୍ରୋହକୁ ନୂତନ ରୂପ ଦେଲେ । ରାଜା ଅଦ୍ୱେତ ସିଂହଦେଓଙ୍କ ନେତୃତ୍ୱରେ ମିଳିତ ସୈନ୍ୟବାହିନୀ ଶେରଗଡ଼ ଠାରେ ସଜାଗ ରହିଥିଲା । ଘୁମୁସର ସେନା, ଶେରଗଡ଼ ଅଭିମୁଖେ ଆସିବାର ଥାଏ, ଲେଫ୍ଟନାଂଟ କର୍ଣ୍ଣେଲ ସ୍ମିଥ ବ୍ରିଟିଶ ସେନାବାହିନୀର ନେତୃତ୍ୱ ନେଇ ଶେରଗଡ଼ରେ ପହଂଚିଲା । ଦୁଇ ବାହିନୀ ମଧ୍ୟରେ ଘମାଘୋଟ ଲଢ଼ାଇ ଚାଲିଲା । ରାଜା ଅଦ୍ୱେତ ସିଂହଦେଓ ଅପୂର୍ବ ବୀରତ୍ୱର ସହ ଲଢ଼ିଥିଲେ ମଧ୍ୟ ଇଂରେଜ ସୈନ୍ୟଙ୍କ ଛ' ପାଉଣ୍ଡର ତୋପରୁ ଏକ ଗୁଳି ଚୋଟରେ ତାଙ୍କ ମୁଣ୍ଡ କଟି ଉଡ଼ି ଯାଇଥିଲା । ଦେଶ ମାତୃକାର ସେବାରେ ତାଙ୍କ ପ୍ରାଣବଳିର ପଟାନ୍ତର ନାହିଁ । ସ୍ୱାଧୀନତା ସଂଗ୍ରାମର ସେ ପ୍ରଥମ ଓଡ଼ିଆ ଶହୀଦ ହେଲେ ।

୧୮୦୦ ମସିହାରେ ଘୁମୁସର ରାଜା ଶ୍ରୀକର ଭଞ୍ଜ, ଖେମୁଣ୍ଡି ରାଜା ଜଗନ୍ନାଥ ଦେଓ, ବିଜୟ ନଗର ରାଜା ମଣିଦେଓ ଏବଂ ଶେରଗଡ଼ ରାଜା ଅଦୈତ ପ୍ରସାଦ ସିଂହଦେଓ ମିଳିତ ଭାବେ ବ୍ରିଟିଶ ବାହିନୀ ସହ ଶେରଗଡ଼ ଠାରେ ଭୟାବହ ଯୁଦ୍ଧ କରିଥିଲେ । ଏଥିରେ ଶେରଗଡ଼ ରାଜା ଅଦୈତ ପ୍ରସାଦ ସିଂହଦେଓଙ୍କର ମସ୍ତକ ବ୍ରିଟିଶ ସେନାର କମାଣ ମାଡ଼ରେ ଛିନ୍ନ ବିଚ୍ଛିନ୍ନ ହୋଇଯାଇଥିଲା । ସେ ଶହୀଦ ହେଲେ । ୧୮୦୧ ମସିହା ବେଳକୁ ଏହା ମାଡ୍ରାସ ପ୍ରେସିଡେନ୍ସୀ ମଧ୍ୟରେ ଥିଲା । ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ଏହା ଓଡ଼ିଶାରେ ଅନ୍ତର୍ଭୁକ୍ତ ହୋଇଛି । ଫଳରେ ପ୍ରଥମ ଓଡ଼ିଆ ଶହୀଦ ଭାବେ ଅଦୈତ ପ୍ରସାଦ ସିଂହଦେବ ଚର୍ଚ୍ଚାକୁ ଆସିପାରି ନାହାନ୍ତି । ଅନ୍ୟପକ୍ଷରେ କେରଳର ଥିରୁ ଥାମ୍ପି ଭାରତର ପ୍ରଥମ ଶହୀଦ ଭାବେ ଐତିହାସିକମାନେ ମତ ଦେଇଥାନ୍ତି ।

ସେତେବେଳେ ଖୋର୍ଦ୍ଧା ରାଜ୍ୟର ଉଭୟ ଉତର ଓ ଦକ୍ଷିଣ ଦିଗରେ ଇଂରେଜ ଶାସନ ଥିଲା । ଯେ କୌଣସି ଦିଗରୁ ଇଂରେଜମାନେ ଓଡ଼ିଶା ଦଖଲ କରିବା ଆଶଙ୍କା ଥିଲା । ସେତେବେଳେ ଖୋର୍ଦ୍ଧାରେ ରାଜା ଥିଲେ ୨ୟ ମୁକୁନ୍ଦଦେବ । ରାଜା ନାବାଳକ ଥିବାରୁ ଜୟୀ ରାଜଗୁରୁ ତାଙ୍କର ଅଭିଭାବକ ଭାବେ ରାଜ୍ୟର ସର୍ବେସର୍ବା ଥିଲେ । ସେ ଦେଓ୍ୱାନ ଓ ବକ୍ସି ଉଭୟଙ୍କୁ ରାଜାଙ୍କ ସହ ମନାନ୍ତରର ଦୁର୍ଯ୍ୟୋଗ ସୃଷ୍ଟି କରାଇ ୧୮୦୨ରେ ରାଜା ଓ ରାଜ ପରିବାରଙ୍କୁ ଖୋର୍ଦ୍ଧା ଗଡ଼ରୁ ନେଇ ପୁରୀ ବାଲିସାହି ନଅରରେ ରଖାଇଲେ ଏବଂ ନିଜେ ରାଜାଙ୍କ ପାଖେ ପାଖେ ରହି, ନାବାଳକ ରାଜାଙ୍କର ଅଭିଭାବକ ଭାବେ ସମସ୍ତ କାର୍ଯ୍ୟ ତୁଲାଇଲେ । ସୁତରାଂ ୧୮୦୩ ଓ ୧୮୦୪ ଖୋର୍ଦ୍ଧା ରାଜ୍ୟ ତଥା ଓଡ଼ିଶାର ଭାଗ୍ୟ ନିୟାମକ ଏହି ଦୁଇଟି ଦୁର୍ଭାଗ୍ୟପୂର୍ଣ୍ଣ ବର୍ଷରେ ଜୟୀ ରାଜଗୁରୁ ନିଜର ରାଜ ପୁରୋହିତଙ୍କ ସହିତ ଖୋର୍ଦ୍ଧା ରାଜ୍ୟର ଦେଓ୍ୱାନ ଓ ସେନାପତିଙ୍କ ଦାୟିତ୍ୱ ନିଜ ହାତକୁ ନେଇଥିଲେ । ଓଡ଼ିଆ ଜାତିର ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଓ ଦେବାନ ହରିହର – ପ୍ରତ୍ୟେକ ନିଜ ନିଜ କର୍ମକ୍ଷେତ୍ରରେ ସକ୍ରିୟ ରହି ମୁକୁନ୍ଦଦେବଙ୍କୁ ସୁଚିନ୍ତିତ ମିଳିତ ପରାମର୍ଶ ଦେଇଥିଲେ ଇତିହାସର ଗତି ହୁଏତ ଭିନ୍ନ ପ୍ରକାର ହୋଇଥାନ୍ତା ! ସ୍ୱୟଂ ଇଂରେଜ ଐତିହାସିକମାନେ ସ୍ୱୀକାର କରିଛନ୍ତି ଯେ ଚିଲିକା ମୁହାଣ ପାରିହେବା ସମୟରେ ଇଂରେଜ ସୈନ୍ୟମାନଙ୍କ ଉପରେ ସାମାନ୍ୟ ଆକ୍ରମଣ ବା ବିରୋଧ କରାଯାଇଥିଲେ ସେମାନେ ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାନ୍ତେ । ଏ ପ୍ରସଙ୍ଗରେ ପ୍ରଖ୍ୟାତ କଥାକାର ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି 'ଶତାବ୍ଦୀର ସୂର୍ଯ୍ୟ'ରେ ଲେଖିଛନ୍ତି, 'ଯେଉଁଦିନ ଚିଲିକା କୂଳପ୍ରୟାଗୀ ଗାଁରୁ ଛ' ଶହ ୟୁରୋପିୟାନ୍, ତିନିଶହ ତେଲେଙ୍ଗା ସିପାହୀ ଓ ଆଠଶହ ଶଗଡ଼ ରସଦ ସାଙ୍ଗରେ ଧରି ହାରକୋର୍ଟ ଓ ମେଲଭିଲ ଚିଲିକା ପାଣି ବାଟରେ ଆସିଥିଲେ ସେଦିନ ଖୋର୍ଦ୍ଧାରାଜା ମୁକୁନ୍ଦଦେବ ଓ ଜୟୀ ରାଜଗୁରୁ ସେମାନଙ୍କର ସାମାନ୍ୟ ପ୍ରତିରୋଧ କରିଥିଲେ ଓଡିଶା ଇତିହାସ ହୁଏତ ଅନ୍ୟ ଗତି ଧରିଥାନ୍ତା । କିନ୍ତୁ ଗୋଟିଏ ଜାତିର ଇତିହାସରେ ଯେତେବେଳେ ବିଲୟ ଓ ଅଧଃପତନର ବିଡ଼ମ୍ବିତ ମୁହୂର୍ତ୍ତ ଆସେ ସେତେବେଳେ ତାହାର ପ୍ରଥମ ବିକୃତି ଆରମ୍ଭ ହୁଏ ଜାତିର ଚେତନା ଓ ଭାଗ୍ୟନିୟନ୍ତାମାନଙ୍କର ବିବେକ ଓ ପ୍ରାଣଶକ୍ତିରେ । ବିଲୟର ସେହି ବିକୃତି ସେଦିନ ରାଜା ମୁକୁନ୍ଦଦେବ ଓ ତାଙ୍କ ମନ୍ତ୍ରଣାଦାତା ଜୟୀ ରାଜଗୁରୁଙ୍କ ବିବେକରେ ମଧ୍ୟ ଆରମ୍ଭ ହୋଇଥିଲା । **(ଖୋର୍ଦ୍ଧା ଇତିହାସର ଅନ୍ତରାଳେ-ପୃ୪୧)**

ସେତେବେଳେ ଘଟଣା ଘଟିଥିଲା ଏମିତି । ଗଞ୍ଜାମ ପଟୁ ବାଲୁଗାଁ ଖୋର୍ଦ୍ଧା ଦେଇ କଟକ ଯିବାକୁ ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ଚାହିଁଥିଲା । ଇଂରେଜ ସେନାପତି ମେଲ୍‌ଭିଲ ଖୋର୍ଦ୍ଧାର ବକ୍ସି ଜଗବନ୍ଧୁଙ୍କୁ ପରମଗୁରୁଙ୍କ ହାତରେ ପତ୍ର ଦେଇ ଜଣାଇଥିଲେ । ତା'ର ଉତରରେ ବକ୍ସି ବାଲୁଗାଁ ଖୋର୍ଦ୍ଧା ଦେଇ କଟକ ଦେଇ ଯିବାକୁ ମନା କରି ଦେଇଥିଲେ । ମଧୁସୁଦନ ବିପ୍ରଙ୍କ 'ଫିରିଙ୍ଗିକଳି ଭାରତ' ୮ମ ଅଧ୍ୟାୟ ପୃ ୧୮୬-୮୭ରେ ଏହା ନିମ୍ନମତେ ବର୍ଣ୍ଣିତ ହୋଇଛି । 'ବକ୍ସିଙ୍କ ଠାରୁ ଲେଖିଲେକ ପତ୍ର, ବାଣପୁର ସଳଖେ ଆମ୍ଭଙ୍କୁ ଦିଅ ପଥ । ପତ୍ରଘେନି ଦେଶାଭର ବହନ ଚଳିଲା, ବାଣପୁର ଦ୍ୱାରେ ପ୍ରବେଶ ହୋଇଲା । ଦ୍ୱାରିଙ୍କି ବୋଇଲାରେ ଲେଖିଛି ସାହେବ, ଜଗବନ୍ଧୁ ବିଧ୍ୟାଧରଙ୍କୁ ଏ ପତ୍ର ଦେବ । ସେ ଚିଟି ଆଣି ଦ୍ୱାରୀ ବକ୍‌ସୀଙ୍କୁ ଦେଲା, ସାହେବଙ୍କ ପତ୍ର ବୋଲି ଆଗରେ କହିଲା । ଶୁଣିଣ ବକ୍‌ସୀ ବୋଲନ୍ତିରେ ବାଇ, ଏ ବାଟେ ଯିବାକୁ ନୃପତି ଆଜ୍ଞା ନାଇଁ । ସେ ସଳଖେ ମୁହିଁ କେମନ୍ତେ ଦେବି ବାଟ, ମହା ବଳୀଆର ଯେ ରାଜନ ମୁକୁଟ । ଏତେ ବୋଲି ଚିଟାଉ ଲେଖିଲେ ବକ୍‌ସି, ଲଘୁତମ ପରମଗୁରୁଙ୍କୁ ଦେଲେ ପେଶି । ଚିଟି ଘେନିଣ ଯେ ପରମଗୁରୁ ଗଲା, ମିଳି ମିଳି ସାହେବର ହାତରେ ଲେଖାଦେଲା । x x x ମିଳି ମିଳି ସାହେବ ପଚାରେ ଗୁରୁଙ୍କୁ, ନୃପତିର ତେଜ ଲାଗେ କେତେକ ଦୂରକୁ । x x x ପରମଗୁରୁ କହେ ଏହା କାହିଁକି ପଚାର, ଯେତେଦୂର ଜଗନ୍ନାଥ ମହିମା ବିକାଶଇ, ତେତେଦୂର ନୃପତିର ତେଜ ପ୍ରକାଶଇ । ଫଙ୍ଗଫଙ୍ଗ ଶୁଣିଣ ଫିରିଙ୍ଗି ବଡ଼ ଆନନ୍ଦ ହୋଇଲା, ରାଜାର ବ୍ରାହ୍ମଣ ବୋଲି ଶାଲ ଧୋତିଦେଲା । ଅନେକ ପ୍ରକାରେ ବହୁକଳା ପଉରୁଷ, ନୃପତିଙ୍କ ଛାମୁଙ୍କୁ ଲେଖିଲା ଉଦ୍ଦେଶ୍ୟ । ଦେଖା ଦରଶନୀ ଧନ ଅନେକ ସେ ଦେଲା, ଦୁଇଜଣଙ୍କୁ ଡାକି ଛାମୁକୁ ପେଶିଲା ।'

ଇଂରେଜମାନଙ୍କ ପକ୍ଷରୁ କର୍ଣ୍ଣେଲ ହାରକୋର୍ଟ ଏକ ଗୁପ୍ତ ଚିଠି ଖୋର୍ଦ୍ଧା ରାଜାଙ୍କ ନାମରେ ପଠାଇଥିଲେ । ଖୋର୍ଦ୍ଧା ରାଜା ତାଙ୍କ ଓକିଲଙ୍କ ଜରିଆରେ ଦୁଇଟି ସର୍ତରେ ରାଜି ହେଲେ । ପ୍ରଥମରେ ତାଙ୍କୁ ସହଯୋଗ ପାଇଁ ଏକ ଲକ୍ଷ ଟଙ୍କା ଇଂରେଜମାନେ ଦେବେ । ଦ୍ୱିତୀୟରେ ପଡ଼ୋଶୀ ରାଜ୍ୟ ସଙ୍ଗେ ଯୁଦ୍ଧବେଳେ ପୂର୍ବରୁ ମରହଟ୍ଟାମାନେ ଖୋର୍ଦ୍ଧାକୁ ସହଯୋଗ କରି ତାଙ୍କର ଚାରୋଟି ପ୍ରଗଣା ଲେମ୍ବାଇ, ସିରାଇ, ରାହଙ୍ଗ, ଚବିଶକୁଦ ନେଇଯାଇଥିଲେ, ସେଗୁଡ଼ିକ ଫେରାଇ ଦେବେ । ସେଥିରେ ଇଂରେଜ ପକ୍ଷ ସମ୍ମତି ଜଣାଇଲେ । ଏହି ଚୁକ୍ତି ଅଲିଖିତ ଥିଲା ଅର୍ଥାତ ଏହା ମୌଖିକ ଚୁକ୍ତି । ରାଜାଙ୍କୁ ଏକ ଲକ୍ଷ ଟଙ୍କାରୁ ଦଶ ହଜାର ଟଙ୍କା ଅଗ୍ରୀମ ଦିଆଯାଇଥିଲା । ଫଳରେ ଇଂରେଜମାନଙ୍କୁ ଚିଲିକା କୂଳ ମାଣିକପାଟଣା ଦେଇ ପୁରୀ ବାଟେ କଟକ ଯିବାକୁ ସୁଯୋଗ ଦିଆଯାଇଥିଲା । ଇଂରେଜ ଐତିହାସିକମାନେ ସ୍ୱୀକାର କରିଛନ୍ତି ଯେ, ଚିଲିକା ମୁହାଣ ସମୟରେ ଇଂରେଜ ସୈନ୍ୟମାନଙ୍କ ଉପରେ ସାମାନ୍ୟ ଆକ୍ରମଣ ବା ବିରୋଧ କରାଯାଇଥିଲେ ସେମାନେ ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାନ୍ତେ । ସେମାନେ ଆହୁରି ଆଶ୍ଚର୍ଯ୍ୟ ପ୍ରକଟ କରି ଲେଖିଛନ୍ତି ଯେ, ପ୍ରତିରୋଧ ପରିବର୍ତ୍ତେ ପଞ୍ଚାଏ ଶୁକ୍ଳାମ୍ବଧାରୀ ବ୍ରାହ୍ମଣ ସେମାନଙ୍କୁ ମାଣିକପାଟଣା ଠାରେ ସ୍ୱାଗତ ଜଣାଇ ପୁରୀକୁ ପାଛୋଟି ଆଣିଥିଲେ । ଏହି ଶୁକ୍ଳାମ୍ବରଧାରୀମାନେ ହିଁ ଜଗନ୍ନାଥଙ୍କ ସେବକ ଥିଲେ । ଫଳରେ ବିନାବାଧାରେ ଇଂରେଜ ସୈନ୍ୟ ଆସି ୧୮୦୩ ମସିହା ସେପ୍ଟେମ୍ବର ୧୮ ତାରିଖ ଦିନ ପୁରୀ ଦଖଲ କଲେ ଓ ଅକ୍ଟୋବର ୧୪ ତାରିଖରେ ବାରବାଟୀ ଦୁର୍ଗ ଅଧିକାର କଲେ । ଇଂରେଜ ସୈନ୍ୟମାନଙ୍କୁ ପୁରୀ ଜଗନ୍ନାଥ ମନ୍ଦିରର ବଡ଼ ପଣ୍ଡା ଓ ପଣ୍ଡାମାନେ ପୁରୀ ବାଟେ ଆସିବାରେ ହାରକୋର୍ଟଙ୍କ ବେକରେ ଫୁଲମାଳ ଦେଇ ଯେଭଳି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ତା'ର କାରଣ ଥିଲେ ତ୍ରିବେଣୀ ପଣ୍ଡିତ । ଇଂରେଜମାନେ କଲିକତାର ତ୍ରିବେଣୀ ପଣ୍ଡିତଙ୍କ ଠାରୁ ଏହି ମର୍ମରେ ଚିଠି ଖଣ୍ଡିଏ ପୁରୀ ବଡ଼ପଣ୍ଡାଙ୍କ ପାଖକୁ ଲେଖାଇ ଆଣିଥିଲେ – "ଇଂରେଜ ଶାସନ ଭାରି ଭଲ, ତାଙ୍କ ଶାସନରେ ଜଗନ୍ନାଥ ଭଲରେ ରହିବେ । ତୁମେମାନେ ବି ଭଲରେ ରହିବ । ତ୍ରିବେଣୀ ପଣ୍ଡିତଙ୍କୁ ବଡ଼ପଣ୍ଡା ଖୁବ୍ ଖାତିର କରୁଥିଲେ । ତାଙ୍କ ଚିଠି ହାରକୋର୍ଟଙ୍କ ପୁରୀ ଅଭିଯାନ ପାଇଁ ପଥ ପରିଷ୍କାର କରିଦେଲା । ଏହା ଫକୀର ହରିଚନ୍ଦନଙ୍କ 'ଖୋର୍ଦ୍ଧା ଇତିହାସ ଅନ୍ତରାଳେ' ପୁସ୍ତକରେ ବିଶଦ ଭାବେ ଉଲ୍ଲେଖ ହେଇଛି । ମରହଟ୍ଟା ଶାସକ ଥିଲେ ଭାରତୀୟ କିନ୍ତୁ ସେମାନଙ୍କୁ ବଦଳରେ ଇଂରେଜ ଶାସନଙ୍କୁ ନିମନ୍ତ୍ରଣ କରିବା ଦୁର୍ଭାଗ୍ୟଜନକ ଥିଲା ।



୧୮୦୩ ଅକ୍ଟୋବର ୩ରେ ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର କରିବା ପରେ ୧୮୦୪ ଜାନୁୟାରୀ ମାସରେ ମେଜର ବ୍ରାଉଟନଙ୍କ ଦ୍ୱାରା ସମ୍ବଲପୁର ଜୟ କରିନେଲେ । ବଉଦ ଓ ସୋନପୁରର ରାଜାମାନେ ବଡ଼ମୂଳ ଘାଟିଠାରେ ଇଂରେଜ ସେନାପତି ଫୋର୍ବିସଙ୍କୁ ସାକ୍ଷାତ କରି ଇଂରେଜଙ୍କର ବଶ୍ୟତା ସ୍ୱୀକାର କଲେ । ଶେଷରେ ଇଂରେଜ ଓ ମରହଟ୍ଟାମାନଙ୍କର ଦେଓଗାଁ ଚୁକ୍ତି ସ୍ୱାକ୍ଷରିତ ହେଲା । ଏଥିରେ ଇଂରେଜମାନଙ୍କର ଓଡ଼ିଶା ଅଧିକାର ଅନୁମୋଦିତ ହେଲା । ଓଡ଼ିଶାର ଗଡ଼ଜାତ ରାଜାମାନେ ଇଂରେଜଙ୍କର ବଶ୍ୟତା ସ୍ୱୀକାର କଲେ । ଖୋର୍ଦ୍ଧା ରାଜାଙ୍କୁ ବଶ୍ୟତା ସ୍ୱୀକାର ପାଇଁ ୧୮୦୩ ମସିହା ନଭେମ୍ବର ମାସ ୨୯ ତାରିଖ ରାଜାଙ୍କ ପ୍ରତିନିଧିଙ୍କୁ ଆଲୋଚନା ପାଇଁ ଡକାଇଲେ । ୧୮୦୪ ଫେବ୍ରୁୟାରୀ ୨୦ ତାରିଖ ପତ୍ରରେ ରାଜା କୁପରାମର୍ଶ ଦ୍ୱାରା ପରିଚାଳିତ ହେଉଛନ୍ତି ବୋଲି ପୂର୍ବଭଳି ଅଭିଯୋଗ କଲେ । ଏଣେ ଇଂରେଜମାନେ ପୂର୍ବ ସର୍ତ୍ତ ଅନୁଯାୟୀ ଲେମ୍ବେଇ, ରାହାଙ୍ଗ, ସିରାଇ ଓ ଚବିଶକୁଦ ପ୍ରଗଣା ଫେରାଇବା ପାଇଁ କୌଣସି ପଦକ୍ଷେପ ନେଲେ ନାହିଁ । ଫଳରେ ନାବାଳକ ରାଜା ୨ୟ ମୁକୁନ୍ଦଦେବଙ୍କ ପକ୍ଷରୁ ଦୁଇଶହ ସୈନ୍ୟ ନେଇ ୧୮୦୪ ମସିହା ମାର୍ଚ୍ଚ ମାସରେ ଜୟୀ ରାଜଗୁରୁ କଟକ ଗଲେ ଓ କର୍ଣ୍ଣେଲ ହାରକୋର୍ଟଙ୍କୁ ଦେଖାକଲେ ଏବଂ ଚାରୋଟି ପ୍ରଗଣା ଫେରାଇ ଦେବାକୁ ଦାବି କଲେ । ଚୁକ୍ତି ଅନୁଯାୟୀ ପ୍ରାପ୍ୟ ଏକ ଲକ୍ଷ ଟଙ୍କାକୁ ଅବଶିଷ୍ଟ ଫେରାଇ ଦେବାକୁ ଅନୁରୋଧ କଲେ । କର୍ଣ୍ଣେଲ ହାରକୋର୍ଟ ସଙ୍ଗେ ସଙ୍ଗେ ଚାଳିଶ ହଜାର ଟଙ୍କା ଦେଇଦେଲେ ଏବଂ ପୂର୍ବରୁ ଦଶ ହଜାର ଦିଆଯାଇଥିବା ସୂଚନା ଦେଇ ଅବଶିଷ୍ଟ ପଚାଶ ହଜାର ଟଙ୍କା ରାଜା ବଶ୍ୟତା ଚୁକ୍ତିରେ ଦସ୍ତଖତ କଲାପରେ ଦିଆଯିବ ବୋଲି କହିଲେ । କିନ୍ତୁ ୪ଟି ପ୍ରଗଣା ମଧ୍ୟରୁ ଇଂଚେ ମଧ୍ୟ ଜାଗା ଦିଆଯିବାର ପ୍ରଶ୍ନ ଉଠୁନାହିଁ ବୋଲି କହିଲେ । ଜୟୀ ରାଜଗୁରୁ ବ୍ୟର୍ଥ ମନରେ ୪୦ ହଜାର ଟଙ୍କା ଧରି ଖୋର୍ଦ୍ଧା ଫେରିଲେ ଏବଂ ଉକ୍ତ ଟଙ୍କା ରାଜାଙ୍କୁ ନଦେଇ ପାଇକମାନଙ୍କ ବାକିଆ ଟଙ୍କା ଶୁଝିବା ସହିତ ଇଂରେଜମାନଙ୍କ ବିରୋଧରେ ଲଢ଼ିବା ମନୋଭାବ ନେଇ ଆଗେଇ ଚାଲିଲେ । ଏଣେ କର୍ଣ୍ଣେଲ ହାରକୋର୍ଟ ଖୋର୍ଦ୍ଧା ରାଜାଙ୍କୁ ଜବତ୍ କରିବା ପାଇଁ ଗଭର୍ଣ୍ଣର ଜେନେରାଲ ଲର୍ଡ ଓ୍ୱେଲସଲିଙ୍କ ସହ ଯୋଗାଯୋଗ କଲେ । ଏଥିରେ ଓ୍ୱେଲସଲି ରାଜି ହୋଇନଥିଲେ । କାରଣ ପୂର୍ବରୁ ହୋଲକାରମାନଙ୍କ ବିରୋଧରେ ଯୁଦ୍ଧ ଘୋଷଣାକୁ ଇଂଲଣ୍ଡରେ ସମସ୍ତେ ନିନ୍ଦା କରିଥିଲେ । ତେଣୁ ଯୁଦ୍ଧ ନକରି ରାଜାଙ୍କୁ ବାଟକୁ ଆଣିବାକୁ ପରାମର୍ଶ ଦେଲେ । ହାରକୋର୍ଟ ଯୁଦ୍ଧ ନକରି ଅନ୍ୟ ସମସ୍ତ ପନ୍ଥା ଗ୍ରହଣ କଲେ । ପ୍ରଥମେ ଖୋର୍ଦ୍ଧା ରାଜା ଓ ମରହଟ୍ଟାଙ୍କ ସଙ୍ଗେ ଚିଠିପତ୍ର ନେବା ଆଣିବାରେ ନିଯୁକ୍ତ ଥିବା ଶମ୍ଭୁ ଭାରତୀଙ୍କୁ ଗିରଫ କରାଗଲା । ଜୟୀ ରାଜଗୁରୁଙ୍କୁ ହଟାଇବା ପାଇଁ ଇଂରେଜ କ୍ୟାପଟେନ ବ୍ଲଂଟଙ୍କୁ ଗ୍ରହଣ କରିବା ପାଇଁ ରାଜାଙ୍କୁ ଅନୁରୋଧ କରାଗଲା । ଅନୁରୋଧ କରାଯିବାର ଦିନକ ପୂର୍ବରୁ ଏକ ପତ୍ରବାହକ ଦୂତ ପଠାଗଲା । ଦୂତ ଖୋର୍ଦ୍ଧାରେ ଦୀର୍ଘ ୧୪ ଦିନ ଅପେକ୍ଷା କରି ଫେରି ଆସିବାକୁ ପଡ଼ିଲା । ଶେଷରେ ଖୋର୍ଦ୍ଧା ରାଜା ଓ ଇଂରେଜଙ୍କ ମଧ୍ୟରେ ଆଲୋଚନା ବାଟ ବନ୍ଦ ହୋଇଗଲା ।

**ସାମରିକ ପଦକ୍ଷେପ:** ଖୋର୍ଦ୍ଧା ରାଜାଙ୍କ ପକ୍ଷରୁ ଇଂରେଜ ବିରୋଧୀ ଯୁଦ୍ଧ ପାଇଁ କେତେକ ମରହଟ୍ଟା ସର୍ଦ୍ଦାରଙ୍କୁ ନିଯୁକ୍ତି ଦିଆଗଲା । ଖୋର୍ଦ୍ଧା ଗଡ଼ ବାହାରେ ଦୁଇଶହ ସୈନ୍ୟ ଓ ଗଡ଼ ଭିତରେ ତିନି ଶହ ସୈନ୍ୟ ସହିତ ଦୁଇଟି ତୋପ ରହିବାର ବ୍ୟବସ୍ଥା କରାଗଲା । ଘାଟି ଜାଗା ଯଥା-ଡେଲାଙ୍ଗ, ବାଣପୁର, ତରତୁଆ, ଗଙ୍ଗପଡ଼ା ପ୍ରଭୃତି ସ୍ଥାନରେ ସୈନ୍ୟ ମୁତୟନ କରାଯାଇଥିଲା । ଖୋର୍ଦ୍ଧା ରାଜାଙ୍କ ନିର୍ଦ୍ଦେଶ ପାଇ କନିକା, କୁଜଙ୍ଗ ଓ ହରିଶପୁର ରାଜାମାନେ ଇଂରେଜ ବିରୋଧୀ ଆନ୍ଦୋଳନ ଚଳାଇଲେ । ଅନ୍ୟପକ୍ଷରେ ବାଙ୍କୀ, ଖଣ୍ଡପଡ଼ା, ଡମପଡ଼ା, ରଣପୁର ଓ ନୟାଗଡ଼ର ରାଜାମାନେ ଇଂରେଜମାନଙ୍କୁ ପରୋକ୍ଷରେ ସମର୍ଥନ ଦେଲେ । ଖୋର୍ଦ୍ଧା ରାଜାଙ୍କ ଇଂରେଜଙ୍କ ବିରୋଧୀ ଯୁଦ୍ଧ ୧୮୦୪ ନଭେମ୍ବର ୨୨ ରୁ ଡିସେମ୍ବର ୩ ତାରିଖ ମଧ୍ୟରେ ସମାପ୍ତ ହୋଇଥିଲା । ଏହି ଯୁଦ୍ଧର ଅବଧି ମାତ୍ର ୧୨ ଦିନ ଥିଲା । ଏହା ଥିଲା ଖୋର୍ଦ୍ଧା ରାଜବିଦ୍ରୋହ ଯୁଦ୍ଧ । ଇଂରେଜମାନେ ସାମରିକ କାର୍ଯ୍ୟାନୁଷ୍ଠାନ ଅତି ଦକ୍ଷତାର ସହିତ କରିଥିଲେ । ବାରବାଟୀ ଗଡ଼ର ସୁରକ୍ଷା ପାଇଁ ୨୫୦ ଅଶ୍ୱାରୋହୀ ଓ ୯୦୦ ସୈନ୍ୟ ମୁତୟନ କରିବା ପରେ କ୍ୟାପଟେନ୍ ହିକ୍‌ଲାଣ୍ଡଙ୍କ ନେତୃତ୍ୱରେ ୧୨୦ ଜଣ ସୈନ୍ୟ ପିପିଲି ପଠାଇଲେ । ପିପିଲି ଦୁର୍ଗଠାରେ ରାଜାଙ୍କ ସୈନ୍ୟମାନଙ୍କ ଉପରେ ୧୮୦୪ ନଭେମ୍ବର ୨୨ ତାରିଖ ଦିନ ଅତର୍କିତ ଆକ୍ରମଣ କଲେ । ପିପିଲି ଦୁର୍ଗ ନିକଟରେ ଖଣ୍ଡଯୁଦ୍ଧ ହେଲା । ଏଥିରେ ରାଜାଙ୍କର ବହୁ ସୈନ୍ୟ ନିହତ ହେଲେ । ଅନ୍ୟ ପକ୍ଷରେ ଇଂରେଜ ପକ୍ଷରୁ ଜଣେ ଲସ୍କର, ଜଣେ ହାବିଲଦାର, ଜଣେ ବାଦ୍ୟକାର ଓ ଛଅ ଜଣ ସିପାହୀ ଯୁଦ୍ଧରେ ଆଘାତପ୍ରାପ୍ତ ହୋଇଥିଲେ । ଯୁଦ୍ଧରେ ପାଇକମାନେ ପରାଜିତ ହେଲେ । କ୍ୟାପଟେନ୍ ଷ୍ଟୋରେଙ୍କ ନେତୃତ୍ୱରେ ଇଂରେଜ ସୈନ୍ୟ ଗଙ୍ଗପଡ଼ା ଠାରେ ପହଁଚିଲେ । ଅନ୍ୟପକ୍ଷରେ ଖୋର୍ଦ୍ଧା ରାଜାଙ୍କ ପକ୍ଷରୁ ପୂର୍ବତନ ମରହଟ୍ଟା ଦୂତ ଶମ୍ଭୁ ଭାରତୀଙ୍କ ନାତି ବୈଷ୍ଣବ ଭାରତୀଙ୍କୁ ପଠାଗଲା । କିନ୍ତୁ ରାଜାଙ୍କ ସୈନ୍ୟ ପରାସ୍ତ ହେଲେ । କର୍ଣ୍ଣେଲ ହାରକୋର୍ଟ ଓ ମେଲଭିଲେ ବହୁ ସୈନ୍ୟ ସହ ବଣ ଜଙ୍ଗଲ ପାରହୋଇ ଖୋର୍ଦ୍ଧା ଅଭିମୁଖେ ଯାତ୍ରାକଲେ । ବାଙ୍କୀ ରାଜା ବ୍ରିଟିଶ ବାହିନୀଙ୍କୁ ତୁଳସୀପୁର ଠାରେ ସାକ୍ଷାତ କରଥିଲେ । ଖଣ୍ଡପଡ଼ା ରାଜାଙ୍କ ଭାଇ ରାମଚନ୍ଦ୍ର ଭ୍ରମରବର ଇଂରେଜ ବାହିନୀଙ୍କୁ ସମସ୍ତ ସାହାଯ୍ୟ କଲେ । ମେଲଭିଲେ ଖୋର୍ଦ୍ଧା ରାଜାଙ୍କ କଥା ପଚାରନ୍ତେ ସେ କହିଲେ ଯେ ରାଜଗୁରୁ ହେଉଛନ୍ତି ସର୍ବେସର୍ବା । 'ଫିରିଙ୍ଗି କଳି ଭାରତ'ରେ ଲେଖାହୋଇଛି –"ଶୁଣି ରାମଚନ୍ଦ୍ର ଭ୍ରମରବର କହି, ସର୍ବ ଅଧିକାରୀ ସେ ବ୍ରାହ୍ମଣ ଅଟଇ//ଛାମୁରେ ଖଚ କହି ମୋତେ ଦେଲାକ ଘଉଡ଼ି, ପ୍ରଜାଜନ ଦଳି ଅସୁଲ କରୁଛି କଉଡ଼ି ।"ଫଙ୍ଗଫଙ୍ଗ ପ୍ରଦେଶୀ ପାଳିଣ ସେ ପାଇକ ଦଳିଲା, ଅତି ଗର୍ବରେ ଉଗ୍ର ତେଜକୁ କହିଲା ।"

ବ୍ରିଟିଶ ବାହିନୀ ଏହାପରେ ଟାଙ୍ଗିଆପଡ଼ା ଓ ତରତୁଆ ଠାରେ ପହଁଚିଲେ । ଉଭୟ ସ୍ଥାନରେ ରାଜାଙ୍କ ପକ୍ଷରୁ କେରଙ୍ଗର ମୁସ୍ତାଫା ଖାଁ ଦାୟିତ୍ୱ ନେଇଥିଲେ ଏବଂ ରାଜାଙ୍କ ସୈନ୍ୟ ପରାଜିତ ହେଲେ । ଶେଷରେ ମାଡ୍ରାସ ରେଜିମେଂଟ୍‌ରୁ ୭୦୦୦ ସୈନ୍ୟଙ୍କୁ ଧରି ମେଜର ଫ୍ଲେଚର ମୁକୁନ୍ଦ ପ୍ରସାଦ ଠାରେ ପହଁଚିଲେ । ଡ. ଦଣ୍ଡପାଣି ବେହେରା ଲେଖିଛନ୍ତି - "To achieve the end, the British then arranged garrison of 7,000 troops at the village Mukundprasad some distance from the Rajas fort. The Raja had never comprehended such a military arrangement by the British so sudden." କଟକ ଓ ମାଡ୍ରାସ ଆଡୁ ଆସିଥିବା ସମସ୍ତ ଇଂରେଜସେନା ମୁକୁନ୍ଦପ୍ରସାଦ ଆମ୍ବତୋଟାରେ ଛାଉଣୀ ପକାଇ ୨୬ତାରିଖ ଠାରୁ ରହିଲେ । ଏହା ପୂର୍ବରୁ ଡେଲାଙ୍ଗ ଠାରେ ଥିବା ଜୟୀ ରାଜଗୁରୁ ରାଜାଙ୍କ ଡାକରା ପାଇ ଖୋର୍ଦ୍ଧା ଫେରି ଆସିଥିଲେ । ଏହା 'ଫିରିଙ୍ଗି କଳି ଭାରତ'ରେ ବର୍ଣ୍ଣିତ: "ଶୁଣ ହେ ସୁଜନେ ଅପୂର୍ବ ବିଚାର, ଡେଲାଙ୍ଗରୁ ନୃପତି ପେଶିଲେ ଦେଶୋତର । ରାଜଗୁରୁଙ୍କୁ ଘେନି ଆସିବୁ ତୁରିତେ, ଭଲା ପୃଥିବୀ ଭୋଗ କରାଇଲା ମୋତେ ।" ମୁକୁନ୍ଦପ୍ରସାଦ ଆମ୍ବତୋଟା ତଳେ ୧୮୦୪ ନଭେମ୍ବର ୨୬ରୁ ଇଂରେଜ ସୈନ୍ୟ ରହିଥିବା ବେଳେ ଖୋର୍ଦ୍ଧା ରାଜାଙ୍କ ସୈନ୍ୟ ଆକ୍ରମଣ କରିପାରିଥାନ୍ତେ । କିନ୍ତୁ ସେମାନଙ୍କ ସୈନ୍ୟ ସଂଖ୍ୟା ଦେଖି କେବଳ ଗଡ଼ ଭିତରେ ଆକ୍ରମଣ ସମ୍ମୁଖୀନ ହେବାପାଇଁ ରହିଲେ । ଖୋର୍ଦ୍ଧାରେ ପୁରାତନ ଗଡ଼ ଭାଙ୍ଗି ୧୭୯୦-୯୪ ଭିତରେ ୨୦.୭ ଏକର ପରିମିତ ଜାଗା ତଥା ୩୦୦୦ x ୪୦୦୦ ବର୍ଗଫୁଟ୍ ଆୟତନର ସୁଉଚ୍ଚ ସୁଦୃଢ଼ ନୂତନ ଦୁର୍ଗ ନିର୍ମିତ ହୋଇଥିଲା । ପୂର୍ବରୁ ଖୋର୍ଦ୍ଧା ରାଜା ରଥିପୁର ଗଡ଼ରେ ରହୁଥିଲେ ଏପରିକି ଖୋର୍ଦ୍ଧାର ୨ୟ ରାଜା ପୁରୁଷୋତମ ଦେବ ଏବଂ ୩ୟ ରାଜା ନରସିଂହଦେବ ମୋଗଲ ଆକ୍ରମଣର ରକ୍ଷା ପାଇବା ପାଇଁ ମାଣିତ୍ରୀ ଗଡ଼ରେ ଆତ୍ମଗୋପନ କରିଥିଲେ । ଏହି ନୂତନ ଖୋର୍ଦ୍ଧା ଦୁର୍ଗ ସୁଦୃଢ଼ ଥିବାରୁ ଦୁର୍ଗକୁ ଭେଦ କରିବା ସହଜ ହେବ ନାହିଁ ବୋଲି ହୁଏତ ଜୟୀ ରାଜଗୁରୁ ଭାବିଥିବେ । ଏଣୁ ଇଂରେଜଙ୍କ ଆକ୍ରମଣ ସମ୍ମୁଖୀନ ପାଇଁ ଗଡ଼ ମଧ୍ୟରେ ୩୦୦ ପାଇକଙ୍କୁ ନେଇ ଜଗି ରହିଲେ । ଇଂରେଜମାନେ ଖୋର୍ଦ୍ଧା ଦୁର୍ଗକୁ ଚାରି ଦିଗରୁ ଆକ୍ରମଣ କଲେ । ବାହାର ପ୍ରାଚୀର ନିକଟରେ ୧୨ ପାଉଣ୍ଡିଆ ବ୍ୟାଟେରୀ ୪ଟା, ୬ ପାଉଣ୍ଡିଆ ବ୍ୟାଟେରୀ ହାଓ୍ୱାଜର ପ୍ରଭୃତି ଆଧୁନିକ ଅସ୍ତ୍ରଶସ୍ତ୍ରମାନ ଓ ତୋପ ଖଞ୍ଜି ସେଥିରୁ ଅନବରତ ଗୁଳି ବର୍ଷଣ କଲେ । କୁହାଯାଏ ୩ ଦିନଧରି ତୋପମାଡ଼ ଓ ଗୁଳି ବର୍ଷଣ ହୋଇଥିଲା । ଫଳରେ ପ୍ରାଚୀରର ଗୋଟିଏ ପାଖ କଣା ହୋଇଯାଇଥିଲା । ସେହି ବାଟ ଦେଇ ମେଜର ଫ୍ଲେଚର ନିଶୁଣି ସାହାଯ୍ୟରେ ପଶିଲେ ଓ ଅନ୍ୟମାନେ ମଧ୍ୟ ଗଲେ । ସେତେବେଳକୁ ରାଜା ନଅର ଛାଡ଼ି ଗୁପ୍ତବାଟେ ଚାଲି ଯାଇଥିଲେ । ଜୟୀ ରାଜଗୁରୁ ମଧ୍ୟ ଲୁଚି ଚାଲିଗଲେ । ୧୮୦୪ ଡିସେମ୍ବର ୩ ତାରିଖ ଦିନ ଇଂରେଜମାନଙ୍କ ଦ୍ୱାରା ଗଡ଼ ଦଖଲ ହେଲା । ୪ ଓ ୫ ତାରିଖ ଦିନ ଗଡ଼ ଧ୍ୱଂସ ହେଲା, ଯେପରି ରାଜା କିମ୍ବା ରାଜଗୁରୁ କେହି ଆଉ ଏଠାରେ ଭବିଷ୍ୟତରେ ରହିପାରିବେ ନାହିଁ । ଇଂରେଜମାନେ ଭାରତରେ ଯେତେ ରାଜ୍ୟ ସଙ୍ଗେ ଯୁଦ୍ଧ କରି ଜୟ କରିଛନ୍ତି କିନ୍ତୁ କୌଣସି ଠାରେ ଗଡ଼ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିନାହାନ୍ତି । କିନ୍ତୁ ଖୋର୍ଦ୍ଧା ଗଡ଼ ଧ୍ୱଂସ ହେବା ବ୍ୟତିକ୍ରମ ଥିଲା । କାରଣ ଏଥିରେ ଖୋର୍ଦ୍ଧା ରାଜ୍ୟର ସୀମୀ ରାଜାମାନେ, ରାଜ୍ୟରେ ଥିବା ଗଡ଼ାଧୀଶ ସାମନ୍ତ, ଦଳବେହେରାମାନେ ସହଯୋଗ ଦେଇନଥିଲେ । ପଡ଼ୋଶୀ ରାଜାମାନେ ଇଂରେଜଙ୍କୁ ସାହାଯ୍ୟ ଦେଇଥିଲେ । ଏହାର କାରଣ ହୋଇପାରେ ସେମାନେ ଖୋର୍ଦ୍ଧା ରାଜାଙ୍କ ଠାରୁ ମିଳିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସହୃଦୟ ଆମନ୍ତ୍ରଣ ପାଇନଥିଲେ । ଅନ୍ୟପକ୍ଷେ, ସେମାନେ ବୋଧହୁଏ ଉପଲବ୍ଧି କରିଥିଲେ ଯେ ଉନ୍ନତ ଅସ୍ତ୍ରଶସ୍ତ୍ର ସହ କୁଟନୀତିରେ ଖୁରୁଧା ପାଇକ ବାହିନୀ ଠାରୁ ବହୁଗୁଣରେ ଅଧିକ ବଳୀୟାନ ଫିରିଙ୍ଗି ଫୌଜ ସହିତ ଯୁଦ୍ଧ କରି ସଫଳତା ପ୍ରାପ୍ତ ହେବା ସମ୍ଭବପର ନୁହେଁ । ଏକଥା ବିଶିଷ୍ଟ ଐତିହାସିକ ପ୍ରଫେସର ବି.ସି. ରାୟ ତାଙ୍କ ଗବେଷଣାତ୍ମକ ବହି "Bakshi Jagabandhu - The Path Finder"ରେ ସ୍ପଷ୍ଟ ଭାବେ ଲେଖିଛନ୍ତି - "Perhaps for that reason, he (Bakshi) is found to have kept himself aloof from so important an event !"। ଏତଦ୍‌ବ୍ୟତୀତ ପ୍ରଫେସର ଧ୍ରୁବ ଚରଣ ଜୟସିଂହ ପାଇକରାୟ ତାଙ୍କ ପୁସ୍ତକ "ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଖୋର୍ଦ୍ଧାର ଅବଦାନ" ଶୀର୍ଷକ ପୁସ୍ତକର ପୃ-୪୮ରେ ଲେଖିଛନ୍ତି – "ଏହି ଖୋର୍ଦ୍ଧା ରାଜ ବିଦ୍ରୋହରେ ତାପଙ୍ଗ ଗଡ଼ର ଦଳବେହେରା କିମ୍ବା ରୋଡ଼ଙ୍ଗ ଗଡ଼ର ବକ୍ସି ଜଗବନ୍ଧୁଙ୍କ ସହଯୋଗ ଦେଇନଥିଲେ । ତାପଙ୍ଗ ଦଳବେହେରା ଦକ୍ଷିଣ ଖୋର୍ଦ୍ଧାର ଶାସକ ଥିଲେ । ତେଣୁ ନିଜର ସ୍ୱାଭିମାନ ଓ ପୂର୍ବପୁରୁଷଙ୍କ ଗୌରବ ଗାରିମାମୟ ଐତିହ୍ୟ ଓ ପରମ୍ପରା ଯୋଗୁଁ ସେ ଜୟୀ ରାଜଗୁରୁଙ୍କ ପ୍ରତି ଆନୁଗତ୍ୟ ସ୍ୱୀକାର କରିନଥିଲେ । ଦଳବେହେରା ଜାଣିଥିଲେ ଜୟୀ ରାଜଗୁରୁ ଯୁଦ୍ଧ କରିବା ପାଇଁ ସମ୍ପୂର୍ଣ୍ଣ ଅପାରଗ । ରାଜଗୁରୁ ହେବା ପାଇଁ ଯେଉଁସବୁ ଯୋଗ୍ୟତା ଦରକାର ତାହା ଜୟୀ ରାଜଗୁରୁଙ୍କର ନଥିଲା । ସେ ସର୍ବଦା ରାଜାଙ୍କୁ କୁପରାମର୍ଶ ଦେଉଥିଲେ । ଜୟୀ ରାଜଗୁରୁଙ୍କର ଜେଜେ ଗଦାଧର ଦାଶ, ସେ ମହାପାତ୍ର କିମ୍ବା ରାଜଗୁରୁ ନଥିଲେ । ସେ ଖୋର୍ଦ୍ଧା ରାଜା ବୀରହରେକୃଷ୍ଣ ଦେବଙ୍କ ଦୟାରୁ ରାଣୀଙ୍କ କୁପରାମର୍ଶରେ ବୀରହରେକୃଷ୍ଣପୁର ଶାସନ ଦାନ ଓ ରାଜଗୁରୁ ପଦବୀ କୂଟ କପଟ କରି ଗ୍ରହଣ କରିଥିଲେ । ତେଣୁ ତାଙ୍କ ପ୍ରତି ତାପଙ୍ଗ ଦଳବେହେରା କିମ୍ବା ବକ୍ସି ଜଗବନ୍ଧୁଙ୍କର ଶ୍ରଦ୍ଧା ଓ ସମ୍ମାନ ନଥିବାରୁ ସେ ଖୋର୍ଦ୍ଧା ରାଜ ବିଦ୍ରୋହର ସୂତ୍ରଧର ଜୟୀ ରାଜଗୁରୁଙ୍କ ଅମାନୁଷିକ କାର୍ଯ୍ୟାବଳୀ ଯୋଗୁଁ ଯୁଦ୍ଧରେ ଯୋଗ ଦେଇନଥିଲେ ।"

ଇଂରେଜମାନଙ୍କ ଦ୍ୱାରା ଖୋର୍ଦ୍ଧା ଦୁର୍ଗ ଅଧିକାର ପରେ ରାଜାଙ୍କୁ କ୍ଷମତାରୁ ଅନ୍ତର କରାଗଲା ବୋଲି ଏକ ନିର୍ଦ୍ଦେଶନାମା ପୁରୀ ଶ୍ରୀମନ୍ଦିର ପରିଛାଙ୍କୁ ପଠାଯାଇ ରାଜାଙ୍କ ନାମରେ ପ୍ରଶସ୍ତିଗାନକୁ ନିଷିଦ୍ଧ କରାଗଲା । ରାଜା ୧୮୦୫ ଜାନୁଆରୀ ୪ ତାରିଖ ଦିନ ଧରା ଦେଲେ । ଜୟୀ ରାଜଗୁରୁ ମଧ୍ୟ ଧରା ହେଲେ । ରାଜାଙ୍କୁ ବନ୍ଦୀ କରି ରଖାଗଲା ଏବଂ ଜୟୀ ରାଜଗୁରୁଙ୍କୁ ୧୮୦୬ ଡିସେମ୍ବର ୬ ତାରିଖ ଦିନ ଫାଶୀ ଦିଆଗଲା । ଗଛର ଦୁଇଡାଳରେ ଦୁଇଗୋଡ଼କୁ ବାନ୍ଧି ଡାଳକୁ ଛାଡ଼ିଦେଇ ବୀଭତ୍ସ ଭାବରେ ତାଂକୁ ହତ୍ୟା କରାଯାଇଥିଲା । ଏହା ଅତ୍ୟନ୍ତ ହୃଦୟ ବିଦାରକ ଥିଲା । ରାଜା ରାଜ ବିଦ୍ରୋହ ପାଇଁ ସମସ୍ତ ଦୋଷ ରାଜଗୁରୁଙ୍କ ଉପରେ ଲଦି ଜେଲରୁ ମୁକ୍ତ ହୋଇଥିଲେ କିନ୍ତୁ ଜୟୀ ରାଜଗୁରୁ ସମସ୍ତ ଦୋଷ ନିଜ ଉପରକୁ ନେଇ ନିର୍ଭୀକ ଭାବରେ ଜବାବ ଦେଇ ବୀରତ୍ୱର ପରିଚୟ ଦେଇଥିଲେ । ଖୋର୍ଦ୍ଧା ରାଜ ବିଦ୍ରୋହ ପାଇଁ ଜୟୀ ରାଜଗୁରୁ ଫାଶୀ ବରଣ କରି ଅମର ଶହୀଦ ହେଲେ । ୧୮୦୪ ଖୋର୍ଦ୍ଧା ରାଜ ବିଦ୍ରୋହର ଦୀର୍ଘ ୧୩ ବର୍ଷ ପରେ ୧୮୧୭ରେ ଖୋର୍ଦ୍ଧା ଗଣ ବିପ୍ଳବ ବା ପାଇକ ବିପ୍ଳବ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଘଟିତ ହୋଇ ୧୮୨୫ ମସିହା ପର୍ଯ୍ୟନ୍ତ ଲାଗି ରହିଥିଲା । ସ୍ୱାଧୀନ ଓଡିଶାର ଶେଷ ରାଜଧାନୀ ଖୋର୍ଦ୍ଧାଗଡ଼ ଭାରତୀୟ ସ୍ୱାଧୀନତା ସଗ୍ରାମର ଇତିହାସରେ ଗୌରବର ଟୀକା ବହନ କରିଛି ତଥା ବହୁ ବୀର ପୁଙ୍ଗବମାନଙ୍କ ଏନ୍ତୁଡିଶାଳ ରୂପେ ଖ୍ୟାତିଲାଭ କରିଛି । ଶହୀଦମାନଙ୍କ ଅମର କାହାଣୀରେ ରକ୍ତରଂଜିତ ଖୋର୍ଦ୍ଧା ଏବେ ମଧ୍ୟ ବିପ୍ଳବର ଝଙ୍କାର ତୋଳି ଆହ୍ୱାନକରେ ଉତର ପୁରୁଷଙ୍କୁ । ଜାତୀୟତା ଚେତନାର ଆଗ୍ନେୟଗିରି ଖୋର୍ଦ୍ଧାର ମାଟିକୁ ଚିପୁଡିଦେଲେ ମିଳିବ ଶହୀଦ ଓ ସଂଗ୍ରାମୀମାନଙ୍କ ଯନ୍ତ୍ରଣାଦଗ୍ଧ ତ୍ୟାଗପୂତ ଜୀବନର ଅମଳିନ ଗାଥା । ଇଂରେଜମାନଙ୍କ ଆଗମନ ଖ୍ରୀ ୧୮୦୩ ରୁ ୧୮୩୬ ପର୍ଯ୍ୟନ୍ତ ଦୀର୍ଘ ୩୩ ବର୍ଷ ଧରି ଓଡ଼ିଶା ମାଟିରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ହୋଇଚି, ତାହା ରାଜ ବିଦ୍ରୋହ ହେଉ କି ଗଣବିପ୍ଳବ ହେଉ, ଏହା ଓଡ଼ିଆ ଜାତୀୟତାବୋଧର ପରାକାଷ୍ଠା ପ୍ରଦର୍ଶନ କରେ । ଏହି ସଂଗ୍ରାମରେ ଭାଗନେଇଥିବା ପ୍ରତ୍ୟେକ ସଂଗ୍ରାମୀ ଓ ଶହୀଦ ଏ ମାଟିର ପୂଜ୍ୟ ଓ ନମସ୍ୟ । ଯୁଗ ଯୁଗ ଧରି କାଳ ବକ୍ଷରେ ସେମାନଙ୍କ ବଳିଦାନ ଅମଳିନ ରହିବ । ଏ ନେଇ ପାଇକ ବିଦ୍ରୋହ ସଂପର୍କିତ ବିବାଦର ଅନ୍ତ ହେବା ଉଚିତ । ଏହାକୁ ନେଇ ଅଯଥାରେ ରାଜନୀତି କରିବା ସେଇ ଶହୀଦ ଓ ସଂଗ୍ରାମୀମାନଙ୍କ ପ୍ରତି ଅସମ୍ମାନ ହେବ, ସେମାନଂକ ଆତ୍ମା କାନ୍ଦିବ, ଏହା ଆମେ ମନେରଖିବା ଆବଶ୍ୟକ ।

**ସତ୍ୟବାଦୀ ବଳିଆରସିଂହ**, ଉପଦେଷ୍ଟା, କଳିଙ୍ଗ ପାଇକ ସଂଗଠନ, ଏମ୍-୨୩, ବକ୍ସି ଜଗବଂଧୁ ନଗର, ଖୋର୍ଦ୍ଧା, ଶୂନ୍ୟଭାଷ: ୯୨୩୭୦୮୯୫୦୯




# ସଂଗୀତ ନିର୍ଦ୍ଦେଶକ ଗୁରୁ କବି ସୋମନାଥ ରାଜଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ପି.ଏନ) : ସଂଗୀତ ନିର୍ଦ୍ଦେଶକ ଗୁରୁ କବି ସୋମନାଥ ରାଜଗୁରୁଙ୍କ ଏକାଦଶାହ ତିଥିରେ ଏକ ଶ୍ରଦ୍ଧାଳି ସଭା ସୁକନ୍ୟା ଭାରତୀୟ ସାସ୍କୃତିକ ଟ୍ରଷ୍ଟ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ପାଳିତ ହୋଇଯାଇଛି । ସ୍ୱର୍ଗତ ରାଜଗୁରୁ ତାଙ୍କ ଜୀବନରେ ୩ହଜାରରୁ ଉର୍ଦ୍ଧ ସଂଗୀତ ରଚନା କରିଯାଇଛନ୍ତି । ସେ ୯ବର୍ଷ ବୟସରୁ ଜଗନ୍ନାଥଙ୍କ କାଠ କଣ୍ଢେଇ ଧରି ପ୍ରଥମ ଭଜନ ଲେଖିବା ଆରମ୍ଭ କରିଥିଲେ ବୋଲି ବକ୍ତାମାନେ କହିଛନ୍ତି । ସେ ବିଭିନ୍ନ ପ୍ରକାରର ପଲ୍ଲୀ ଗୀତ, ଛାନ୍ଦ, ଚମ୍ପୁ, ଓଡ଼ିଶୀ ଓ ଲଘୁ ସଂଗୀତ କରିଥିଲେ । ପିଲା ବେଳୁ ସେ ଜଗନ୍ନାଥଙ୍କ ପାଇଁ ସମର୍ପିତ ଥିଲେ । ବେଗୁନିଆରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ପାଇଁ ୫ମାଣ ଦାନ କରିଥିଲେ । ପୁରୀରେ ରଥଯାତ୍ରା, ବହୁଡ଼ା, ସୁନାବେଶ, ମାଘ ସପ୍ତମୀ, ହେର ପଂଚମୀରେ ଅନୁଷ୍ଠିତ ଭଜନ ସମାରୋହର ସେଥିଲେ ସ୍ରଷ୍ଟା । ସେହିପରି ଜେଇ କମ୍ପାନୀ କ୍ୟାସେଟ୍ ତାଙ୍କର ଦିଗଦର୍ଶନ ଓ ଭଜନ ସର୍ବାଧିକ ଆଦୃତ ହୋଇଥିଲା ବୋଲି ବକ୍ତାମାନେ ମତ ଦେଇଥିଲେ । ସୁକନ୍ୟା ଭାରତୀୟ ସାସ୍କୃତିକ ଟ୍ରଷ୍ଟର ଅଧ୍ୟକ୍ଷ ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ରାଜଗୁରୁଙ୍କ ବଡ଼ ଝିଅ ଆଇନଜୀବୀ ସଂଘମିତ୍ରା ରାଜଗୁରୁ, ଅଭିନେତ୍ରୀ ସଂଗୀତା ପଟ୍ଟନାୟକ, ରୋଟାରୀଆନ୍ ଗଦାଧର ଦାସ, ଭଜନ ଗାୟକ ଭରତ ଚନ୍ଦ୍ର ବେହେରା ଓ ବହୁ ମୁରବୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରେମାଳି ମିଶ୍ର ସଂଯୋଜନା କରିଥିଲେ । ସେହିପରୀ ତାଙ୍କ ଜନ୍ମସ୍ଥାନ ବେଗୁନିଆ ଠାରେ ତାଙ୍କ ସ୍ମୃତିରେ ଏକ ସ୍ମରଣୀକା ପ୍ରକାଶ କରାଯିବା ସହ ଭଜନ ସମାରୋହ କରାଯାଇଥିଲା । ଏଥିରେ ତାଙ୍କର ଜାମାତା ଜିଲ୍ଲା ଜର୍ଜ ଲଳିତ କୁମାର ଦାଶ, ପୁତ୍ର ଶଶିକାନ୍ତ ରାଜଗୁରୁ, ସୂର୍ଯ୍ୟକା' ରାଜଗୁରୁ, କନ୍ୟା ସଂଘମିତ୍ରା ରାଜଗୁରୁ, ଅଧାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, କବି ସତ୍ୟ ନାରାୟଣ ସାମ'ରାୟ, ଭିକାରୀ ଚରଣ ସ୍ୱାଇଁ, ସୁର ଗର୍ନ୍ଧବ ନବ କିଶୋର ମିଶ୍ର, ଜଗଦିଶ ପ୍ରସାଦ ରଥ, ପ୍ରଶାନ୍ତ ପାଢ଼ୀ, ତାନସେନ ସିଂହ, ପ୍ରମୋଦ ତିପାଠୀ ପ୍ରମୁଖ ଉପସ୍ଥିତଥିଲେ ।




## ଜୱାଦ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଅନ୍ତୁ ସରକାର : ସିଆଇଟିୟୁ

ଭୁବନେଶ୍ୱର ,(ପି.ଏନ): ଜୱାଦ ଜନିତ ଅଦିନିଆ ବର୍ଷା ଯୋଗୁ ଚାଷୀ ମାନଙ୍କର ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଜଣେ ଚାଷୀ ଏହି ପରିସ୍ଥିତିକୁ ସାମନା କରି ନପାରି ଆତ୍ମହତ୍ୟା କରିଛନ୍ତି । ରାଜ୍ୟରେ ଅଢେଇଲକ୍ଷ ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲକ୍ଷାଧିକ ପରିବାରଙ୍କ ଜୀବିକା ଉଜୁଡି ଯାଇଛି । ରାଜ୍ୟ ସରକାର ଚିରାଚରିତ ଭାବେ କେବଳ ଘୋଷଣା ନକରି ଅବିଳମ୍ବେ କ୍ଷତିଗ୍ରସ୍ତ ଅଂଚଳରେ ସର୍ଭେ କରି, ଫସଲ ନଷ୍ଟ ହୋଇଥିବା ଚାଷୀ ମାନଙ୍କୁ ଅବିଳମ୍ବେ କ୍ଷତିପୂରଣ ଦେବାକୁ ସିଆଇଟିୟୁ, ଓଡିଶା ରାଜ୍ୟ କମିଟି ଦାବି କରିଛି । ସେହିପରି କ୍ଷତିଗ୍ରସ୍ତ ଜିଲ୍ଲାର ଜିଲ୍ଲାପାଳ ମାନେ କ୍ଷତିଗ୍ରସ୍ତ ଚାଷୀ ମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ । କ୍ଷତିଗ୍ରସ୍ତ ଲକ୍ଷ ଲକ୍ଷ ଚାଷୀ ମାନଙ୍କୁ ବିକଳ୍ପ ଆୟ ପାଇଁ ରାଜ୍ୟ ସରକାର ଅବିଳମ୍ବେ ପଦକ୍ଷପେ ନେବାକୁ ହେବ ।

# ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦିଆଯାଉ :ଅଶୋକ ପଣ୍ଡା

ଭୁବନେଶ୍ୱର ,(ପି.ଏନ): ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପାଇଁ କେନ୍ଦ୍ର ନିକଟରେ ଦାବି କୁ ଜୋରଦାର କରାଯିବ ବୋଲି ସର୍ବ ସମ୍ମତି କ୍ରମେ ସହମତି ପ୍ରକାଶ ପାଇଥିଲା । ଏଥି ସହିତ ଗଡ଼ ଖୋରଧା ଠାରେ ଐତିହାସିକ ଦୁର୍ଗର ମରାମତି ସହିଦ ସ୍ମାରକୀ ସ୍ତମ୍ଭର ସ୍ଥାପନ ପାଇଁ ନିଷ୍ପତି ହୋଇଥିଲା । ସେହିଭଳି ସମରକଳା ପ୍ରତିଷ୍ଠାନ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ କରାଯିବ ସହ ଏନେଇ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି । ହେଲେ କେନ୍ଦ୍ର ସରକାର ଦୁଇବର୍ଷ ଧରି ଏହାକୁ ପକାଇ ରଖିଛନ୍ତି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ପାଇକ ମାନଙ୍କୁ କଳାକାର ଭତାରେ ସାମିଲ, ରାଜ୍ୟ ସଂଗ୍ରହାଳୟରେ ପାଇକ ଗ୍ୟାଲେରୀ ଭଳି ପ୍ରତିଷ୍ଠା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟସରକାର । ୧୮୦୪ ମସିହାରେ ଜୟୀରାଜଗୁରୁ ପ୍ରଥମ ଥର ଲାଗି ଇଂରେଜ ସରକାର ବିରୋଧରେ ସ୍ୱର ଉତୋଳନ କରିଥିବାରୁ ତାଙ୍କ ଗାଁ ରେ ପ୍ରତିମୂର୍ତି ସ୍ଥାପନ କରିବା ପାଇଁ ନିଷ୍ପତି ହୋଇଛି । ୨୦୧୭ ଜୁଲାଇ ୧୯ରେ ପାଇକ ବିଦ୍ରୋହକୁ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରରେ ରାଜନାଥ ସିଂ ଙ୍କୁ ଚିଠି ଲେଖିଥିଲେ । ଏହାସତ୍ତ୍ୱେ କେନ୍ଦ୍ର ସରକାର ପଛଘୁଂଚା ଦେଇଛନ୍ତି । ଏହି ପ୍ରସଙ୍ଗରେ ଏକ ଏକ୍ସପର୍ଟ କମିଟି ଗଠନ କରାଯାଉ ଏବଂ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦିଆଯାଉ ବୋଲି ଦାବି କରିଛନ୍ତି ମନ୍ତ୍ରୀ ଅଶୋକ ପଣ୍ଡା ।ସେ ଆହୁରି କହିଛନ୍ତି ୧୮୧୭ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପାଇଁ ପୂର୍ବତନ ମନ୍ତ୍ରୀ ପ୍ରକାଶ ଜାଭେଦକର ପ୍ରତିଶୃତି ଦେଇଥିଲେ । ଏହାକୁ ପାଠ୍ୟକ୍ରମ ରେ ସନ୍ନିବେଶିତ କରିବାକୁ ମଧ୍ୟ ନିଷ୍ପତି ହୋଇଥିଲା । କିନ୍ତୁ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତରରେ ସେଭଳି କିଛି ପ୍ରସ୍ତାବ ନଥିବା କେନ୍ଦ୍ର ସଂସ୍କୃତି ମନ୍ତ୍ରୀ କହିଛନ୍ତି । ଏହା ଓଡ଼ିଶାର ଅସ୍ମିତା ଏତିହ୍ୟ ପରମ୍ପରା, ଅସ୍ମିତାଓ ଗୌରବ ପ୍ରତି ଚରମ କୁଠାରଘାତ । ୧୯୯୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି ଦାବି କରିଥିଲେ । ପରବର୍ତୀ ସମୟରେ ଏହି ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋହରାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ସର୍ବଦଳୀୟ ପ୍ରତିନିଧି ସମ୍ମଳନୀ ହୋଇଥିଲା । ଯେଉଁଥିରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଯୋଗ ଦେଇଥିଲେ ।

## ବିଦେଶ ଫେରନ୍ତାଙ୍କ ପୋର୍ଟାଲ କରିବା ପାଇଁ କେନ୍ଦ୍ର ଅନୁମତି ଦେଉ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର ,(ପି.ଏନ): ଓମିକ୍ରନ୍ ବିଷୟରେ ସାରା ବିଶ୍ୱରେ ଚର୍ଚ୍ଚା । ଡବ୍ଲୁଏଚଓ ଅନୁସାରେ ଓମିକ୍ରନ୍ କୁ ନେଇ ଭୟ କରିବାର କୌଣସି କାରଣ ନାହିଁ । ଟୀକା ଉପରେ ଏହା କେତେ ପ୍ରଭାବୀ ରହିବ ତା ବିଷୟରେ ଗବେଷଣା ଚାଲିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ କହିଛନ୍ତି । ବିଦେଶ ଫେରନ୍ତାଙ୍କ ପୋର୍ଟାଲ କରିବା ପାଇଁ କେନ୍ଦ୍ର ଅନୁମତି ଦେଲେ ଆମେ ତାଙ୍କୁ ଯୋଗାଯୋଗ କରି ତାଙ୍କର କଂଟାକ୍ଟ ଟ୍ରେସିଂ କରିବୁ ଏବଂ ଯାହା ଆବଶ୍ୟକ ସେ ବିଷୟରେ ପଦକ୍ଷେପ ନେବୁ । କେନ୍ଦ୍ର ସରକାରଙ୍କୁ ଏସମ୍ପର୍କରେ ଜଣାଇଛୁ ।

## କଂଗ୍ରେସ ପକ୍ଷରୁ ଆମ୍ବେଦକରଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି.ଆର ଆମ୍ବେଦକରଙ୍କର ଶ୍ରାଦ୍ଧଦିବସ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ଭୁବନେଶ୍ୱର ଏଜି ଛକ ଠାରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ।

# ଠାବ କରାଯାଇପାରୁନାହିଁ ଓମିକ୍ରନ୍ ଆକ୍ରାନ୍ତ ରାଷ୍ଟ୍ରରୁ ଓଡ଼ିଶା ଫେରିଥିବା ଯାତ୍ରୀଙ୍କ ଭିତରୁ ୪୦ ପ୍ରତିଶତଙ୍କୁ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର ,(ପି.ଏନ): ଓମିକ୍ରନ୍ ଆକ୍ରାନ୍ତ ରାଷ୍ଟ୍ରରୁ ଓଡ଼ିଶା ଫେରିଥିବା ରାଜ୍ୟର ୪୦ ପ୍ରତିଶତ ବିଦେଶ ଫେରନ୍ତା ଠାବ ହୋଇପାରୁନାହାନ୍ତି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ସେ କହିଛନ୍ତି ଯେ ବିଦେଶରୁ ଫେରୁଥିବା ଲୋକ ମାନଙ୍କ ଉପରେ ପ୍ରଶାସନ ନଜର ରଖିଛି । ସେ ସୂଚନା ଦେଇ କହିଛନ୍ତି ଯେ ବର୍ତମାନ ସୁଦ୍ଧା ଓମିକ୍ରନ୍ ଚିହ୍ନଟ ରାଷ୍ଟ୍ରରୁ ୮୦୦ରୁ ଅଧିକ ଯାତ୍ରୀ ଓଡ଼ିଶାକୁ ଆସିଛନ୍ତି । ଏୟାର ସୁବିଧା ପୋର୍ଟାଲରେ ସେମାନେ ଭୁଲ୍ ଫୋନ ନମ୍ବର, ଭୁଲ ଠିକଣା ଦେଇଥିବା କାରଣରୁ ସେମାନଙ୍କୁ ଠାବ କରିବା ସମ୍ଭବ ହେଉନି । ଏୟାର ସୁବିଧା ପୋର୍ଟାଲରେ ସେଲ୍ଫ ଡିକ୍ଲାରେସନ ବ୍ୟବସ୍ଥା ଥିବାରୁ ଏମିତିକି ଅନେକ ଯାତ୍ରୀ ଅନ୍ୟ ରାଜ୍ୟର ଠିକଣା ମଧ୍ୟ ଦେଉଛନ୍ତି, ଯାହାକି ବିଦେଶ ଫେରନ୍ତାଙ୍କ ଟ୍ରେସିଂରେ ସମସ୍ୟା ସୃଷ୍ଟି କରୁଛି ବୋଲି ସେ କହିଛନ୍ତି ।ସେ କହିଛନ୍ତି ଯେ ବର୍ତମାନ ଯାଏଁ ୪ କୋଟି ୪୫ ଲକ୍ଷ ଡୋଜ ଟିକା ଦିଆ ସରିଲାଣି । ୮୬ ପ୍ରତିଶତରୁ ଅଧିକ ପ୍ରଥମ ଡୋଜ ଦିଆ ସରିଲାଣି । ୫୧ ପ୍ରତିଶତ ଲୋକ ଦ୍ୱିତୀୟ ଡୋଜ ନେଇଛନ୍ତି । ସମସ୍ତଙ୍କୁ ଚଳିତ ମାସ ଶେଷ ସୁଦ୍ଧା ଟିକା ଦିଆଯିବ ବୋଲି ସେ କହିଛନ୍ତି । ସେ କହିଛନ୍ତି, ବର୍ଷା ଓ ବାତ୍ୟା ବେଳେ ବି ରାଜ୍ୟରେ ଟିକାକରଣ ଜାରି ରହିଥିଲା । ବାତ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକଟୁ ଛାଡ଼ି ଅନ୍ୟସବୁ ଜିଲ୍ଲାରେ ଟିକାକରଣ ଚାଲୁ ରହିଥିଲା । ଗତକାଲି ରବିବାର ରହିଥିଲେ ବି ଟିକାକରଣ ଚାଲିଥିଲା ବୋଲି ସେ କହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ପଠାଇଲେ ବିଜେପି ବିଧାୟକ

ଭୁବନେଶ୍ୱର ,(ପି.ଏନ): ମମିତା ମେହେର ମାମଲାରେ ବିଧାନସଭା ଅପରାହ୍ନ ୪ଟା ଯାଏ ସ୍ଥଗିତ ହେଲା ପରେ ବିଜେପି ବିଜେପି ଆଜି ଗୃହ ବାହାରେ ମଧ୍ୟ ଅଭିନବ ଶୈଳୀରେ ପ୍ରତିବାଦ କରିଛି । ବିଜେପି ବିଧାୟକ ମାନେ ପିଏମଜି ଯାଅ ସେଠାରେ ପୋଷ୍ଟ ଅଫିସରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ପଠାଇଛନ୍ତି । ଏହି ଚିଠିରେ ମମିତା ଭଳି ଅନେକ ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀଙ୍କ ଉତରକୁ ଅପେକ୍ଷା କରିବେ ବୋଲି ବିଜେପି ବିଧାୟକ ମାନେ ଲେଖିଛନ୍ତି । ବିଭିନ୍ନ କାର୍ଯ୍ୟକ୍ରମରେ ଜିଲ୍ଲାୱାରୀ ଗସ୍ତ କରୁଥିବା ମୁଖ୍ୟମନ୍ତ୍ରୀ ବିଧାନସଭାକୁ କାହିଁକି ଆସୁନାହାନ୍ତି ତାହାକୁ ନେଇ ବିଜେପି ବିଧାୟକ ମାନେ ପ୍ରଶ୍ନ କରିଛନ୍ତି । ବିଧାନସଭା ଶୀତ ଅଧିବେଶନ ଆରମ୍ଭରୁ ଗୃହ ଅଚଳ ହେଉଥିଲେ ମଧ୍ୟ ଏହାକୁ ସ୍ୱାଭାବିକ କରିବାକୁ ବାଚସ୍ପତି ଓ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କୌଣସି ଉଦ୍ୟମ ହେଉନଥିବା ବିଜେପି ବିଧାୟକ ମାନେ ଅଭିଯୋଗ କରିଛନ୍ତି । ବିରୋଧୀ ଦଳ ମୁଖ୍ୟସଚେତକ ମୋହନ ମାଝୀ କହିଛନ୍ତି ଯେ ବର୍ତମାନ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ଚୁପଚାପ ଅଛନ୍ତି । ଗୃହକୁ ଆସୁନାହାନ୍ତି । ଗୃହକୁ ଆସନ୍ତୁ । ଗୃହ କାର୍ଯ୍ୟ ଚାଲୁ । ବିଜେପି ବିଧାୟକ ଦଳ ପକ୍ଷରୁ ଚିଠି ଦିଆଯାଇଛି । ଆଶା କରୁଛୁ ମୁଖ୍ୟମନ୍ତ୍ରୀ ଚିଠିର ଉତର ଦେବେ । ବିରୋଧୀଙ୍କ ଚାପରେ ମୁଖ୍ୟମନ୍ତ୍ରୀ ଷ୍ଟେଟମେଂଟ ଦେବା ଆରମ୍ଭ କରିଛନ୍ତି । ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ମୁଖ୍ୟମନ୍ତ୍ରୀ ଦୋମୁହାଁ ନୀତି ଅବଲମ୍ବନ କରିଛନ୍ତି । ଅଞ୍ଜନା ଗାଁ ଦୁଷ୍କର୍ମ ଘଟଣାରେ ମୁଖ୍ୟମନ୍ତ୍ରୀ ନୀତି ଓ ନୈତିକତା କଥା କହିଥିଲେ । ସେତେବେଳ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଙ୍କୁ ଦାୟୀ କରିଥିଲେ । କିନ୍ତୁ ଏବେ ମମିତା ମେହେର ମାମଲାରେ ମୁଖ୍ୟମନ୍ତ୍ରୀ କାହିଁକି ପଛଘୁଂଚା ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ । ସେହିପରି ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି ସାଧରଣ ଲୋକ ନିକଟ ରେ ବାର୍ତା ଦେବା ପାଇଁ ବିଜେପିର ଏହି ପ୍ରତିବାଦ । ଏହା ଏକ ଟ୍ରେଲର ମାତ୍ର ଆଗକୁ ପୁରା ଫିଲ୍ମ ଆସିବ ।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ବଂଚାଅ : ନିରଞ୍ଜନ

## 'ଜୱାଦ' କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି

ଭୁବନେଶ୍ୱର ,(ପି.ଏନ):'ଜୱାଦ' ବାତ୍ୟା ଫଳରେ ଓଡ଼ିଶାରେ ବହୁ ଜିଲ୍ଲାରେ ଋଷୀଭାଇମାନେ ନାହିଁ ନଥିବା କ୍ଷତିର ସମ୍ମୁଖୀନ ହୋଇଛନ୍ତି । ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଓ ଅନ୍ୟାନ୍ୟ ସୁବିଧା, ସହାୟତା ଯୋଗାଇ ଦେବାକୁ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି । ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଚିଠିରେ ଉଲେଖ କରି କହିଛନ୍ତି ଯେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ବାତ୍ୟା 'ଜୱାଦ' ଓଡିଶାର ସ୍ଥଳ ଭାଗ ଛୁଇଁ ନାହିଁ ସତ, କିନ୍ତୁ ଏହି ବାତ୍ୟା ଓ ଲଗାଣ ବର୍ଷା ଜନିତ କ୍ଷୟକ୍ଷତିର ପରିଣାମକୁ ଦେଖି ଯେଉଁ କେତୋଟି ପ୍ରସଙ୍ଗ ମୋତେ ଆନ୍ଦୋଳିତ କରୁଛି, ତାହାର ସମାଧାନ ପାଇଁ ମୁଁ ଆପଣଙ୍କୁ ଏ ପତ୍ର ଲେଖୁଛି । ଦୈବୀ ଦୁର୍ବିପାକ କାହା ହାତର କଥା ନୁହେଁ । ତେଣୁ, ଏଥିପାଇଁ କାହାକୁ ଦାୟୀ କରିହେବ ନାହିଁ । କିନ୍ତୁ ଦୁର୍ବିପାକ ପରବର୍ତୀ ପ୍ରସଙ୍ଗର ସୁପରିଚାଳନା ଦାୟିତ୍ୱ ସରକାରଙ୍କର । ଏଥିରେ ସାମାନ୍ୟ ଅଦୂରଦର୍ଶିତା ବା ଦାୟିତ୍ୱହୀନତା ରହିଲେ ତାହା ଦୁର୍ବିପାକର ଦୁଃଖଠାରୁ ଅଧିକ ହୋଇଯାଏ । ଆମ ଉପକୂଳ ଅଂଚଳରେ ଚାଷୀମାନେ ସାଧାରଣତଃ ଲମ୍ବା ଧାନ ଚାଷ କରନ୍ତି । ଏହି ଧାନ କଟା ଡିସେମ୍ବର ମାସରୁ ଆରମ୍ଭ ହୁଏ । କିନ୍ତୁ ଚଳିତବର୍ଷ ଅନାବୃଷ୍ଟି ଯୋଗୁ ଧାନ ଚାଷ ପ୍ରାୟ ବିଳମ୍ବ ହୋଇଥିଲା । ମରୁଡିରେ ପ୍ରାୟ ୭୦ ଭାଗ ଧାନ ଫସଲ ନଷ୍ଟ ହୋଇଯିବାପରେ ୩୦ ଭାଗ ଫସଲ ଏଇ ଡିସେମ୍ବର ଶେଷ ସପ୍ତାହରେ ଅମଳ ହୋଇଥାନ୍ତା । କିନ୍ତୁ 'ଜୱାଦ' ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁ ଧାନ କିଆରିରେ ବଳିପଡିଥିବା ଧାନ ଏବେ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଯେଉଁ କେତୋଟି ପ୍ରଶ୍ନ ମୋତେ ଆନ୍ଦୋଳିତ କରୁଛି, ତାହା ଆପଣଙ୍କ ସାମ୍ନାରେ ମୁଁ ଉପସ୍ଥାପନ କରି ତାହାର ଉତର ଆଶା କରୁଛି । ଆପଣଙ୍କ ନେତୃତ୍ୱାଧିନ ସରକାରର ଆନ୍ତରିକତା ଅଭାବରୁ ଓ ଭୁଲ୍ କୃଷିନୀତି ଯୋଗୁଁ ଏ ପର୍ଯ୍ୟନ୍ତ ଓଡିଶାର ଭାଗଚାଷୀମାନଙ୍କୁ ଚିହ୍ନଟ କରାଯାଇ ପାରିଲା ନାହିଁ । ଯାହାଫଳରେ ଚାଷ ଜମିରେ ମାଲିକ ପରିବର୍ତେ ପ୍ରକୃତ ଭାଗଚାଷୀ ଚାଷ କରୁଥିଲେ ମଧ୍ୟ ସେ ସମସ୍ତ ଯୋଜନାରେ ସୁଫଳ ପାଇବାରୁ ବଂଚିତ ହେଉଛି । ପ୍ରଥମତଃ ଫସଲବୀମା କଥା ବିଚାର କରାଯାଉ । ଶତକଡା ମାତ୍ର ୨ ଭାଗ ପ୍ରିମିୟମ୍ ଦେବାକୁ ପଡୁଥିଲେ ମଧ୍ୟ ଫସଲବୀମା କରିବାକୁ ଚାଷୀ ଆଗ୍ରହ ପ୍ରକାଶ କରୁନାହିଁ କାହିଁକି ? କାରଣ, ଭାଗଚାଷୀଙ୍କ ପାଇଁ ଏଥିରେ କୌଣସି ସୁବିଧା ନାହିଁ ଓ ପ୍ରକୃତ ଚାଷୀ ତା'ର କ୍ଷୟକ୍ଷତିକୁ ରିପୋଟିଂ କରିବାରେ ଯେଉଁ ପ୍ରକାର ଜଟିଳ ନିୟମ ଅଛି, ସେଥିପାଇଁ ଚାଷୀ ଫସଲବୀମା ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି । ସମସ୍ତ ଚାଷୀ କିପରି ଫସଲବୀମାର ସୁଯୋଗ ସହଜରେ ପାଇପରିବ, ସେ ଦିଗରେ ଆପଣଙ୍କ ସରକାରର କିଛି ଯୋଜନା ଅଛି କି ? ଦିତୀୟତଃ ବାରମ୍ବାର ବନ୍ୟାବାତ୍ୟାରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ସତ୍ତ୍ୱେ ରିଲିଫ୍ କୋଡରେ ଆବଶ୍ୟକ ବ୍ୟବସ୍ଥା କରାଯାଉନି । ଯାହାଫଳରେ ଚାଷୀମାନଙ୍କର କ୍ଷତିକୁ ଭରଣା କଲାବେଳେ ସେମାନଙ୍କୁ ଦୟା କଲାପରି ସମୁଦ୍ରକୁ ଶଙ୍ଖେ ସହାୟତା ଦିଆଯାଉଛି । ତୃତୀୟତଃ ଚାଷୀମାନଙ୍କର କ୍ଷୟକ୍ଷତିର ଆକଳନ କଲାବେଳେ ଦଳୀୟ ମନୋବୃତିରୁ ଉର୍ଦ୍ଧ୍ୱକୁ ଯିବା କଥା । କିନ୍ତୁ ଅଧିକାଂଶ କ୍ଷେତ୍ରରେ ତାହାର ବିଡମ୍ବନା ଦେଖାଯାଉଛି । ଯାହାଫଳରେ ଅନେକ କ୍ଷତିଗ୍ରସ୍ତ ଲୋକ ସରକାରୀ ସହାୟତା ପାଇବାରୁ ବଂଚିତ ହେଉଛନ୍ତି । ଚତୁର୍ଥରେ କ୍ଷୟକ୍ଷତିର ଆକଳନ ଯୁଦ୍ଧକାଳୀନ ଭିତିରେ ହୋଇ କ୍ଷତିପୂରଣ ତୁରନ୍ତ ଯୋଗାଇ ଦେବା ଆବଶ୍ୟକ । କାରଣ, ନଭେମ୍ବର ମାସରୁ ରବି ଋତୁ ଆରମ୍ଭ ହୋଇଗଲାଣି । ମାଟିର ବତର ହେବା ମାତ୍ରେ ଚାଷୀ ଡାଲି ଜାତୀୟ ଫସଲ, ବାଦାମ, ପନିପରିବା ଚାଷ ପୁଣିଥରେ ଆରମ୍ଭ କରିପାରନ୍ତେ । କିନ୍ତୁ ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ସହ ମୁଗ, ବିରି, ବାଦାମର ମି ମାଗଣା ଯୋଗାଇ ଦେବା ଦରକାର । କିନ୍ତୁ ମୋର ଆଶଂକା ଦୁର୍ବିପାକ ପରବର୍ତୀ ପ୍ରସଙ୍ଗ ପରିଚାଳନା ପାଇଁ ଆପଣଙ୍କ ସରକାରର କୌଣସି ସ୍ୱଷ୍ଟ ନୀତି ନ'ଥିବାରୁ ଏ କ୍ଷେତ୍ରରେ କ୍ଷତିଗ୍ରସ୍ତ ଚାଷୀମାନେ କେବେ ତାଙ୍କ କ୍ଷତିପୂରଣ ପାଇବେ, ତାର ଠିକଣା ନାହିଁ । କାରଣ କ୍ଷୟକ୍ଷତିର ଆକଳନ ଓ କ୍ଷତିପୂରଣ ବଂଟନ ପାଇଁ କୌଣସି ସ୍ୱଷ୍ଟ ନୀତି ନ'ଥିବାରୁ ଫନୀ ବାତ୍ୟାର କ୍ଷତିଗ୍ରସ୍ତ ଲୋକେ ଆଜି ଯାଏ କ୍ଷତିପୂରଣ ପାଇପାରିଲେ ନାହିଁ । ଚାଷୀମାନେ ଓଡିଶା ବିକାଶର ମେରୁଦଣ୍ଡ । କରୋନା କାରଣରୁ ଦୀର୍ଘ ଦୁଇବର୍ଷ ହେଲା ସେମାନେ କ୍ଷତି ସହୁଛନ୍ତି । ତା'ସାଙ୍ଗକୁ ଅନାବୃଷ୍ଟି, ଅତିବୃଷ୍ଟି ଓ ରୋଗପୋକ ସେମାନଙ୍କ ଆର୍ଥିକ ଅବସ୍ଥାକୁ ରସାତଳକୁ ନେଲାଣି । କେବଳ ଧାନ ଚାଷୀ ନୁହଁନ୍ତି, କପା, ମକା ଓ ଡାଲିଜାତୀୟ ଫସଲ ଚାଷ କରୁଥିବା ଚାଷୀମାନେ ମଧ୍ୟ ଅନେକ କ୍ଷତି ସହିଲେଣି । ଏହି ପରିପ୍ରେକ୍ଷୀରେ ମୋର ପ୍ରସ୍ତାବ ହେଲା, କ୍ଷୟକ୍ଷତି ଆକଳନ କଲାବେଳେ ଭାଗଚାଷୀ କିପରି ଉପକୃତ ହେବେ, ତାହା ପ୍ରତି ଦୃଷ୍ଟି ଦିଅନ୍ତୁ । ଚାଷୀମାନଙ୍କୁ ଯେତେଶୀଘ୍ର ସମ୍ଭବ ସେମାନଙ୍କ କ୍ଷତିପୂରଣ ଦିଅନ୍ତୁ । ଫସଲବୀମା କମ୍ପାନୀମାନେ କିପରି ସରଳମାର୍ଗରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ଫେରାଇବେ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ରବିଫସଲ ପାଇଁ ଚାଷୀମାନଙ୍କୁ ମାଗଣା ବିହନ ଓ ସାର, କୀଟନାଶକ ଯୋଗାଇ ଦିଅନ୍ତୁ । ଏଥିସହ ଏ ବର୍ଷର କୃଷିଋଣକୁ ସଂପୂର୍ଣ୍ଣ ଛାଡ କରାଗଲେ ଚାଷୀଭାଇମାନେ ଆଶ୍ୱସ୍ତି ଲାଭ କରିବେ । ଏ ଦିଗରେ ଆପଣଙ୍କର ତ୍ୱରିତ ପଦକ୍ଷେପ ଆଶା କରୁଛି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଦର୍ଶାଇଛନ୍ତି ।

# ବେଦାନ୍ତ ଆଲୁମିନିୟମର ସଫଳତା କ୍ଷେତ୍ରରେ ଏହାର ଚମତ୍କାରି ମହିଳାଙ୍କ ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାୱାର ବ୍ୟବସାୟର ସଫଳତା କ୍ଷେତ୍ରରେ କର୍ମଚାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ୍ ସାଜିଛନ୍ତି । ସେମାନଙ୍କର ଯୋଗଦାନ କମ୍ପାନୀର ବିଭିନ୍ନ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପଡ଼ିଛି । ବେଦାନ୍ତ ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ପଦ କମ୍ପାନୀ ଏବଂ ଭାରତର ବୃହତମ କମ୍ପାନୀ ଭାବେ ବେଶ୍ ପରିଚିତି ହାସଲ କରି ପାରିଛି । ବେଦାନ୍ତର ଆଲୁମିନିୟମ ଏବଂ ପାୱାର ବ୍ୟବସାୟ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଏବଂ ଘରୋଇ କ୍ଷେତ୍ରରେ ବୃହତମ ପାୱାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନଗୁଡିକ ଏରୋସ୍ପେସ୍ ଠାରୁ ଆରମ୍ଭ କରି ବିଦ୍ୟୁତିକରଣ ଆଦି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଗ୍ରଣୀ କରିପାରିଛି । କମ୍ପାନୀର ବଜାର, ଗ୍ରାହକ ଏବଂ ବ୍ୟବସାୟ ବହୁବିଧ ତଥା ସଂଯୁକ୍ତ । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ, ବିଭିନ୍ନ ଦୃଷ୍ଟିକୋଣ, ଅଭିଜ୍ଞତା, ଦକ୍ଷତା ଏବଂ ଶିକ୍ଷା କ୍ଷେତ୍ରରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଯାହାଦ୍ୱାରା କମ୍ପାନୀର ବ୍ୟବସାୟିକ ରଣନୀତି ବେଶ୍ ସଶକ୍ତ ହୋଇପାରିଛି । ସାଧାରଣତଃ ଉତ୍ପାଦନ ଏବଂ ଭାରି ଇଞ୍ଜିନିୟରିଂ ସେଗମେଂଟ୍ରେ ମହିଳାଙ୍କ ନିଯୁକ୍ତି ସଂଖ୍ୟା କମ୍ ରହିଛି । ଧାତୁ ଏବଂ ଖଣି କ୍ଷେତ୍ରରେ ଏଭଳି ସମସ୍ୟା ଅଧିକ । ଏପରିସ୍ଥଳେ ବେଦାନ୍ତର ଆଲୁମିନିୟମ୍ ଏବଂ ପାୱାର ବ୍ୟବସାୟରେ ବହୁ ଉଚ୍ଚଶିକ୍ଷିତ ମହିଳା ଧାତୁ ଉତ୍ପାଦନ, ପରିବହନ, ସିଭିଲ୍ ୱାର୍କ ଏବଂ ରେଳ ଭିତିଭୂମି ଠାରୁ ଆରମ୍ଭ କରି ଅର୍ଥ, ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ କ୍ରୟ କ୍ଷେତ୍ରରେ ବହୁ ସଂଖ୍ୟାରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଓଡିଶାରେ ବେଦାନ୍ତର ପ୍ଲାଂଟ୍ରେ ଏକ ମହିଳା-ଅଗ୍ନିଶମ ଦଳ କାର୍ଯ୍ୟ କରୁଛନ୍ତି ।ମହିଳାମାନଙ୍କ ପାଇଁ ଏକ ଅଣପାରମ୍ପରିକ କ୍ଷେତ୍ର ଭାବେ ବିବେଚନା କରାଯାଉଥିବା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଆଖି ଦୃଶିଆ ରହିଛି ଏବଂ ଦେଶର କେତେକ ଦୁର୍ଗମ ଅଂଚଳରେ ଉଚ୍ଚ ପ୍ରଶିକ୍ଷିତ ମହିଳା କର୍ମଚାରୀ ବେଶ୍ ସଫଳ ହୋଇପାରିଛନ୍ତି ।ଏହି ପ୍ରସଙ୍ଗରେ ବେଦାନ୍ତ ଲିମିଟେଡ୍ର ଆଲୁମିନିୟମ୍ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀଙ୍କ ପ୍ରତ୍ୟେକ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥାଏ । କମ୍ପାନୀ ପାରମ୍ପରିକ ଲିଙ୍ଗ ଭେଦକୁ ସ୍ୱୀକାର କରି ନ ଥାଏ । କମ୍ପାନୀର ଅପରେଶନ୍ ଏବଂ ରକ୍ଷଣାବେକ୍ଷଣ, ସୁରକ୍ଷା, ଆର୍ ଆଣ୍ଡ୍ ଡି ମାର୍କେଟିଂ, ଫାଇନାନ୍ସ ଏବଂ ମାନବ ସମ୍ବଳ, ଜନସମ୍ପର୍କ, କ୍ରେନ୍ ଏବଂ ସ୍ମେଲଟର ପଟ୍ ଟେଣ୍ଡିଂ ମେସିନ୍ ଅପରେଟିଂ ଆଦି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି । ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଭାବେ ବେଦାନ୍ତ ଯୋଗ୍ୟତା, ଉତ୍କର୍ଷତା, ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସର୍ବୋପରି ଏକ ଅଭିନବ ମନୋଭାବ ତଥା ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରିଥାଏ ।

କମ୍ପାନୀର ଆଭିମୁଖ୍ୟକୁ ନିମ୍ନରେ ବର୍ଣ୍ଣନା କରାଯାଇଛି:

+ ମହିଳାମାନଙ୍କୁ କମ୍ପାନୀର ଅନ୍ୟ ସମସ୍ତ କର୍ମଚାରୀଙ୍କ ପରି, ସେମାନଙ୍କର ମନୋଭାବ ଏବଂ ଶିଖିବାର ଇଚ୍ଛା, ଶିକ୍ଷାଗତ ଏବଂ ବୈଷୟିକ ଯୋଗ୍ୟତା ଆଧାରରେ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଏହା ପରେ ସେମାନଙ୍କୁ ବିଶ୍ୱସ୍ତରୀୟ ବିଶେଷଜ୍ଞ ମାନଙ୍କ ମାଧ୍ୟମରେ ସର୍ବୋତମ ତାଲିମ ଯୋଗାଇ ଦିଆଯାଇଥାଏ । ଯାହାଦ୍ୱାରା ସେମାନେ ବିଭିନ୍ନ ପର୍ଯ୍ୟାୟରେ ପରିକଳ୍ପିତ ଇକୋସିଷ୍ଟମ୍ରେ ସଫଳ ହେବାର ସମ୍ଭବନା ଅଧିକ ରହିଥାଏ ।

+ ତୃତୀୟତଃ, ବେଦାନ୍ତରେ ନିଯୁକ୍ତ କର୍ମଚାରୀଙ୍କୁ ଚାକିରିର ନିଯୁକ୍ତି ସମ୍ପର୍କିତ କାର୍ଯ୍ୟଶୈଳୀର ବିଷୟବସ୍ତୁ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ । ଯାହାକି କମ୍ପାନୀର ଗୁପ୍ତ ପରିକଳ୍ପନା ପରି ମନେହୁଏ । ବାସ୍ତବରେ ଏହା କର୍ମଚାରୀଙ୍କୁ ଆକର୍ଷିତ କରିଥାଏ ଏବଂ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ସହାୟତା ଉପଲବ୍ଧ ହୋଇ ପାରିଥାଏ । ସଶକ୍ତିକରଣ ପାଇଁ ଭୂମିକା ପରିକଳ୍ପନା କରାଯାଇଥାଏ । ଏହା ସହିତ ସମ୍ପ୍ରତି ଆଲୁମିନିୟମ୍ ବ୍ୟବସାୟ ଏକ ଉଲ୍ଲେଖନୀୟ ମୋଡ଼ ଦେଇ ଗତି କରୁଛି । ତେଣୁ ଏହି କ୍ଷେତ୍ରରେ ବହୁ ନୂତନତ୍ୱ, କାର୍ଯ୍ୟଶୈଳୀର ନୂତନ ଉପାୟ, ପ୍ରକୃତ ବିବିଧତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ଷେତ୍ର ପାଇଁ ବିପୁଳ ସୁଯୋଗ ରହିଛି । ଯାହାକି ବହୁ ଅଜଣା ବିଷୟରେ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ କାର୍ଯ୍ୟଶୈଳୀ ସମ୍ପର୍କରେ ଅବଗତ କରାଇଥାଏ । ଯେହେତୁ କମ୍ପାନୀ କ୍ରମାଗତ ଭାବରେ ବିକାଶ ଧାରା ଜାରି ରଖିଛି, ତେଣୁ ନୂତନ ଉତ୍ପାଦର ବିକାଶ ଏବଂ ଏହାର କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରଣ ସହିତ ବେଦାନ୍ତର କାର୍ଯ୍ୟ-ସଂସ୍କୃତିରେ ଷ୍ଟାର୍ଟ ଅପ୍ ର ଉତ୍ସାହ ଏବଂ ବୃହତ ବିଶ୍ୱସ୍ତରୀୟ ସଂଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ ଧାରା ଜାରି ରହିଛି । କମ୍ପାନୀର ଉତ୍ପାଦନ କାରଖାନା ଓଡିଶା ଏବଂ ଛତିଶଗଡ ଆଭ୍ୟନ୍ତରୀଣ ଅଂଚଳରେ ରହିଛି । ସେଠାରେ କାର୍ଯ୍ୟ କରୁଥିବା ମହିଳାମାନେ ଦକ୍ଷ, ଉଚ୍ଚାଭିଳାଷୀ ଏବଂ ସୁପରିଚାଳିତ । ସେମାନେ ମୁଖ୍ୟ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି । ସେମାନଙ୍କ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ବେଦାନ୍ତ ଗର୍ବିତ ।ସିଭିଲ୍ ପ୍ରୋଜେକ୍ଟଗୁଡିକର ପରିଚାଳନାରେ ୧୪ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜ୍ୟୋତି ଆର. କ୍ରିଷ୍ଣା ଓଡିଶାର ଝାରସୁଗୁଡାସ୍ଥିତ ବେଦାନ୍ତର ଆଲୁମିନିୟମ୍ କମ୍ପ୍ଲେକ୍ସରେ ସିଭିଲ୍ ୱାର୍କ ଇନଫ୍ରାଷ୍ଟ୍ରକଚର ଏବଂ ରେଳ ପ୍ରକଳ୍ପରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ଜ୍ୟୋତିଙ୍କ ଦୃଢ଼ ବିଶ୍ୱାସ ଯେ, ବେଦାନ୍ତର ବ୍ୟବସାୟରେ ପରିଚାଳନା ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । କମ୍ପାନୀ ଆଲୁମିନିୟମ ଉତ୍ପାଦନ କରିଥାଏ ଯାହାକି ଭାରତର ଆତ୍ମନିର୍ଭରଶୀଳତା ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେ ଏବଂ ତାଙ୍କ ସହକର୍ମୀ ଦେଶ ସେବା ଲକ୍ଷ୍ୟ ନେଇ କାର୍ଯ୍ୟ କରିଥାନ୍ତି । ଯାହାଦ୍ୱାରା ଦେଶରେ ଯେଭଳି ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ କଂଚାମାଲର ଅଭାବ ପରିଲକ୍ଷିତ ହେବ ନାହିଁ । ଏହି ମିଶନ୍ ଲକ୍ଷ୍ୟ ବ୍ୟକ୍ତିଗତ ତଥା ଜଣେ ପେଶାଦାର କର୍ମଚାରୀ ଭାବେ ତାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହନ୍ତି । ବେଦାନ୍ତର ଝାରସୁଗୁଡା ପ୍ଲାଂଟ୍ ବିଶ୍ୱର ସର୍ବ ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଅନ୍ୟତମ । ଏଠାରେ ଭାରତରେ ଉତ୍ପାଦିତ ହେଉଥିବା ଏକ ତୃତୀୟାଂଶରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଥାଏ । ବେଦାନ୍ତର ଆଲୁମିନିୟମ ବ୍ୟବସାୟର କୋଇଲା କ୍ରୟ ଏବଂ ଚୁକ୍ତିନାମା ମୁଖ୍ୟ ବସୁଧା ସିଙ୍ଘଲ, ଇଲେକ୍ଟ୍ରୋନିକ୍ସ ଇନଷ୍ଟ୍ରୁମେଂଟସନ୍ ଆଣ୍ଡ କଂଟ୍ରୋଲରେ ଇଞ୍ଜିନିୟରିଂ ଡିଗ୍ରୀ ସମାପ୍ତ କରିବା ପରେ, ବହୁ ଉତ୍ପାଦନକାରୀ କମ୍ପାନୀର କ୍ୟାମ୍ପସ ପ୍ଲେସମେଂଟ ପରୀକ୍ଷା ଏବଂ ସାକ୍ଷାତକାରରେ ଯୋଗଦେଇଥିଲେ । ତେବେ ସେସବୁ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସମ୍ପୃକ୍ତ କମ୍ପାନୀ ବସୁଧାଙ୍କୁ ମନା କରିଦେଇଥିଲେ । କେବଳ ବେଦାନ୍ତ ଆଲୁମିନିୟମ ଏବଂ ପାୱାର ତାଙ୍କୁ ପ୍ଲେସମେଂଟ୍ ପ୍ରକ୍ରିୟା ଦେଇ ଯିବାକୁ ଉତ୍ସାହିତ କରିଥିଲେ । ତାଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରି ବେଦାନ୍ତ ପକ୍ଷରୁ ବସୁଧାଙ୍କୁ ରକ୍ଷଣାବେକ୍ଷଣ ଇଞ୍ଜିନିୟର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ଉତ୍ପାଦନ ପ୍ରକ୍ରିୟାର ବିଭିନ୍ନ ଦିଗ ଜାଣିବା ପାଇଁ ବସୁଧାଙ୍କ ଆଗ୍ରହ ଯୋଗୁ ପରବର୍ତୀ ସମୟରେ ତାଙ୍କୁ ନିରାପତା ବିଭାଗରେ ନିଯୁକ୍ତି ମିଳିଥିଲା । ସୁରକ୍ଷା ହେଉଛି ବେଦାନ୍ତର ଶୀର୍ଷ ପ୍ରାଥମିକତା । ବସୁଧା ସଂଗଠନର ସୁରକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଥିଲେ । ବେଦାନ୍ତର ଝାରସୁଗୁଡା ପ୍ଲାଂଟର ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅନସୀ କୁଜୁର ତାଙ୍କ କାର୍ଯ୍ୟ କାଳରେ ସମ୍ମୁଖୀନ ହେଉଥିବା ଏକାଧିକ ଆହ୍ୱାନର ମୁକାବିଲା ପଛଘୁଂଚା ନ ଦେଇ ସାହସର ସହିତ ସମ୍ପନ୍ନ କରିଛନ୍ତି । ଅପରାଧୀ, ସାମଗ୍ରୀ ଚୋରି ଉଦ୍ୟମ, ଅସ୍ତ୍ରଶସ୍ତ୍ରଧାରୀ ଅନୁପ୍ରବେଶକାରୀଙ୍କ ସଫଳ ମୁକାବିଲା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଶାନ୍ତ, ନିର୍ଭୟ ଏବଂ ବୁଦ୍ଧିମତା ଦ୍ୱାରା ସମାଧାନ କରିବାରେ ସଫଳତା ହାସଲ କରିଛନ୍ତି । ସେ ସର୍ବଦା ହସହସ ମୁହଁରେ ପ୍ରତିଟି କାର୍ଯ୍ୟ କରିଥାନ୍ତି । ବେଦାନ୍ତ ବିଶ୍ୱାସ କରେ ଯେ, କମ୍ପାନୀର ମହିଳା କର୍ମଚାରୀମାନେ ବୃତିଗତ ଭାବେ ଯୋଗ୍ୟ ଏବଂ ସେମାନଙ୍କ ଭୂମିକା ବେଶ୍ ଅଭିଜ୍ଞ । ଏହା ସହିତ ସେମାନଙ୍କର ବିଭିନ୍ନ ଦୃଷ୍ଟିକୋଣ, ବୈଷୟିକ ଦକ୍ଷତା, ସହାନୁଭୂତି, କରୁଣା ଏବଂ ସଜାଗ ଏକନିଷ୍ଠ ଭାବ ଶିଳ୍ପକ୍ଷେତ୍ରର କାର୍ଯ୍ୟଶୈଳୀରେ ଏକ ନୂତନତ୍ୱ ଆଣିଥାଏ । ସେମାନଙ୍କଠାରେ ପାରମ୍ପରିକ ପୁରୁଷ ପ୍ରାଧାନ୍ୟ ଶିଳ୍ପରେ କାର୍ଯ୍ୟ କରିବାର ଉତ୍ସାହ ରହିଛି । ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ମୁଖ୍ୟ ଶିଳ୍ପ କ୍ଷେତ୍ରରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଏବେ ସମୟ ଆସିଛି, ଯାହାକି ମହିଳା କର୍ମଚାରୀଙ୍କ ପ୍ରତିଭା ତଥା ସୃଜନଶୀଳ ଯୋଗ୍ୟତା ଆଧାରରେ ସେମାନଙ୍କୁ ଏସବୁ କ୍ଷେତ୍ରରେ ନିଯୁକ୍ତି ଯୋଗାଇ ଦିଆଯିବାର ପ୍ରୟାସ କରାଯିବା ଆବଶ୍ୟକ ।

# ଶିଶୁ ମଙ୍ଗଳ କମିଟି ସହଯୋଗରେ ନିଜ ଘରକୁ ଫେରିଲା ବିହାରୀ ନାବାଳକ

କେନ୍ଦ୍ରାପଡ଼ା : ଉଦ୍ଦେଶ୍ୟହୀନ ଭାବେ ନିଜ ଘରୁ ପଳାଇ ଆସିଥିବା ନାବାଳକୁ କେନ୍ଦ୍ରାପଡା ସିଡବ୍ଲୁସି ସହାୟତାରେ ବିହାର ସ୍ଥିତ ନିଜ ଘରକୁ ପଠାଇ ଦିଆଯାଇଛି । ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତା ମାନେ ଏହି ନାବାଳକୁ ଦୁଇମାସ ଧରି ନିଜ ହେପାଜତ ରେ ରଖିବା ସହ ତା ପରିବାର ସହ ଯୋଗାଯୋଗ କରି ଗୁରୁବାର ତାକୁ ଘରକୁ ପଠା ଯାଇଛି । ଘଟଣା ମୁତାବକ ବିହାର ରାଜ୍ୟର ଲକିସରାଇ ଜିଲ୍ଲାର ବୃନ୍ଦାବନ ଗ୍ରାମର ରାହୁଲ କୁମାର (୧୫) ସାମନ୍ୟ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ କୌଣସି କାରଣରୁ ନିଜ ଘରୁ ପଳାଇ ଆସି କେନ୍ଦ୍ରାପଡା ସହରରେ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିଲା । ପୁରୁଣା ବସଷ୍ଟାଣ୍ଡ ଅଂଚଳରେ କିଛିଦିନ ବୁଲାବୁଲି କରିବା ପରେ ଟାଉନଫାଣ୍ଡି ଜମାଦାର ନରେନ୍ଦ୍ରନାଥ ସୋରେନଙ୍କ ସହଯୋଗରେ ଶିଶୁ ମଙ୍ଗଳ କମିଟିର ମାର୍ଫତରେ ଦିଆଯାଇ ଥିଲା । କମିଟି ପକ୍ଷରୁ ବିକାଶ ସାମଲ ଓ ପୋଲିସ କର୍ମଚାରୀ ଆଶିଷ ରଞ୍ଜନ ଆଚାର୍ଯ୍ୟ ରାହୁଲକୁ ସାଙ୍ଗରେ ନେଇ ବିହାର ରେ ଥିବା ତାଙ୍କ ଘରକୁ ଯାଇଥିବା ଜଣାପଡିଛି । ବିଦାୟ ସମୟରେ ସିଡବ୍ଲୁସି ଚେୟାରମ୍ୟାନ ଭଗବତୀ ପ୍ରସାଦ ଦାସ, ସ୍ମିତାଞ୍ଜଳୀ ମହାପାତ୍ର, ବାଦଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# କୋର୍ଟ ପରିସରରେ ମିଳୁନି ପାନୀୟଜଳ, ନାହିଁ ଶୌଚାଳୟ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ର ନୂତନ କୋର୍ଟ କମ୍ପ୍ଲେକ୍ସ ପରିସରରେ ପାନୀୟଜଳ ର ସୁବିଧା ନଥିବାରୁ ଆଇନଜୀବି , ମୋହରିର ଓ ଦୂର ଦୁରାନ୍ତରୁ ଆସୁଥିବା ଲୋକମାନେ ପିଇବା ପାଣି ଟୋପାକ ପାଇଁ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏହି ୪ମହଲା ବିଶିଷ୍ଟ କୋଠାରେ କୋର୍ଟକାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଦୈନିକ ଶହ ଶହ ମହକିଲ କୋର୍ଟ କାର୍ଯ୍ୟରେ ଅଦାଲତକୁ ଆସିଥାନ୍ତି । ଏହା ମଧ୍ୟରେ ପରିବାର ଅଦାଲତ ଚାଲି ଥିବାରୁ ବହୁ ସଂଖ୍ୟକ ମହିଳା ମହକିଲ ପାଣି ପିଇବା ପାଇଁ ନିକଟବର୍ତୀ ଦୋକାନ ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି । କୋର୍ଟ ପରିସର ରେ ସାଧାରଣ ଲୋକଙ୍କ ପାଇଁ ପିଇବାପାଣି ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ଆଇନଜୀବି ମୋହନ ସାହୁ, ଗଗନ ଜେନା, ଗଗନ ରାଉତ, ତାରିଣି ପଟଜୋସୀ, ସେକ ଅଜିମୁଦ୍ଦିନ, ଗୋଲଖ ରାଉତ, ଶାନ୍ତି ସ୍ୱରୂପ ଭୁୟାଁ, ଚୈତନ୍ୟ ଚରଣ ମଳିକ ପ୍ରମୁଖ ଦାବି କରିଛନ୍ତି ।



# ମୋ ଓଡ଼ିଶା

## ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର (ପିଏନ୍): ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ଓ ରାଜଗାଙ୍ଗପୁର ବ୍ଲକ ଅଧୀନ ୫ ପଂଚାୟତରେ ଓସିଏଲ କମ୍ପାନି ବେଆଇନ ଭାବେ ଜମି ଅଧିଗ୍ରହଣ କରୁଥିବା ଅଭିଯୋଗ ନେଇ ସମ୍ପୃକ୍ତ ପଂଚାୟତର ଗରିବ ଆଦିବାସୀ ଜନସାଧାରଣ ଭୁବନେଶ୍ୱରରେ ରାଜଭବନ ଆଗରେ ଗଣଧାରଣା ଦେଉଛନ୍ତି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଆଜି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା ଓସିଏଲ କମ୍ପାନି ଏବଂ ଜିଲ୍ଲା ପ୍ରଶାସନର ମନମାନିକୁ ତୀବ୍ର ନିନ୍ଦା କରିଛନ୍ତି। ଡ. ଲେଙ୍କା ଆନ୍ଦୋଳନରତ ଗ୍ରାମବାସୀଙ୍କୁ ଭେଟି ସେମାନଙ୍କ ମନୋବଳ ବଢ଼ାଇବା ସହ କୌଣସି ପ୍ରକାରେ ଗରିବ ଆଦିବାସୀଙ୍କ ଭିଟା ମାଟି ଛଡ଼ାଇ ନେବାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଛନ୍ତି। ଗ୍ରାମସଭାରେ ଜମି ଅଧିଗ୍ରହଣ ପ୍ରସ୍ତାବ ନାକଚ ହୋଇଯିବା ପରେ ବି ଜିଲ୍ଲା ପ୍ରଶାସନ ଏବଂ ଓସିଏଲ କମ୍ପାନି କର୍ତ୍ତୃପକ୍ଷ ଜାଲ ଦସ୍ତାବିଜ ପ୍ରସ୍ତୁତ କରି ଜମି ଅଧିଗ୍ରହଣ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏ ସମସ୍ତ କାରବାରରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଓ କମ୍ପାନି କର୍ତ୍ତୃପକ୍ଷଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବାକୁ ଡ. ଲେଙ୍କା ଦାବି କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନିଜେ ଏହି ଘଟଣାରେ ହସ୍ତକ୍ଷେପ କରି ଗରିବ ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି ଜଣାଇଛନ୍ତି। ନଚେତ ଗରିବ ଆଦିବାସୀଙ୍କୁ ସେମାନଙ୍କ ଅଧିକାର ପ୍ରଦାନ ପାଇଁ ରାଜ୍ୟବ୍ୟାପୀ ଯୁବ କଂଗ୍ରେସ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସମୟରେ ସୁନ୍ଦରଗଡ଼ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲବର୍ଟ କିଣ୍ଡୋ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନରଂଜନ ରାଉତ, ଆଦିତ୍ୟ ପ୍ରସାଦ ପରିଡ଼ା, ବିଶ୍ୱଜିତ ଲେଙ୍କା, ସୌଭାଗ୍ୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଓସିଏଲ କମ୍ପାନି ଲିଭେଷ୍ଟୋ ଖଣି ସମ୍ପ୍ରସାରଣ ପାଇଁ ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର କଟଙ୍ଗ ପଂଚାୟତ ଏବଂ ରାଜଗାଙ୍ଗପୁର ବ୍ଲକର କୁକୁଡ଼ା, ବିହାବନ୍ଧ, ଅଲଣ୍ଡା, କେଶ୍ରାମାଲ, ରାଇବେଗା ଓ ଝଗରପୁର ମୌଜାର ଜମି ଅଧିଗ୍ରହଣ ପାଇଁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ପ୍ରସ୍ତାବ ଦେଇଥିଲେ। ମାତ୍ର ଗ୍ରାମସଭାରେ ଏହା ନାକଚ ହୋଇଯାଇଥିଲା। କିନ୍ତୁ କମ୍ପାନି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଗ୍ରାମସଭାର ଜାଲ ଦସ୍ତାବିଜ ପ୍ରସ୍ତୁତ କରି ଜମି ଅଧିଗ୍ରହଣ କରିନେବାକୁ ଉଦ୍ୟମ ଚଳାଇଛନ୍ତି। ଏଥିରେ ୫୦୦ ପରିବାର ନିଜ ଚାଷଜମି ଓ ୧୦୦୦ ପରିବାର ବିସ୍ଥାପିତ ହେବେ। ଏହାକୁ ବିରୋଧ କରି ଗରିବ ଆଦିବାସୀମାନେ ଫୋରମ ଫର ଗ୍ରାମସଭା କମିଟି ରାଜଗାଙ୍ଗପୁର ନେତୃତ୍ୱରେ ରାଜଭବନ ଆଗରେ ଗଣଧାରଣା ଦେଉଛନ୍ତି।

## ସେବା ଦଳ କଂଗ୍ରେସ ଦଳର ମେରୁଦଣ୍ଡ




ଭୁବନେଶ୍ୱର (ପିଏନ୍)- ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଆସନ୍ତା ଡିସେମ୍ବର ୨୬ ତାରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁଥିବା ସଦ୍‌ଭାବନା ସମାବେଶର ଏକ ପ୍ରସ୍ତୁତି ବୈଠକ, ଆଜି ପୂର୍ବାହ୍ନରେ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୋଗଦେଇ ଅଖିଳ ଭାରତ କଂଗ୍ରେସ କମିଟିର ପ୍ରଭାରୀ ଡଃ ଏ ଚେଲାକୁମାର କହିଲେ ଯେ କଂଗ୍ରେସ ସେବାଦଳର ଗୌରବମୟ ଇତିହାସ ରହିଛି ସେବାଦଳର କଂଗ୍ରେସ ଦଳର ମେରୁଦଣ୍ଡ ଭଳି କାର୍ଯ୍ୟକରିଥାଏ। ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ପଣ୍ଡିତ ଜବାହାରଲାଲ ନେହେରୁ ଏହି ସଂଗଠନର ପ୍ରଥମ ସଭାପତି ରହି, ଯୁବକ ମାନଙ୍କୁ ଶୃଙ୍ଖଳାରେ ବାନ୍ଧି ରଖିବା ପାଇଁ କାର୍ଯ୍ୟ କରୁଥିଲେ। ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସ ସେବାଦଳର ଏକ ସ୍ୱତନ୍ତ୍ର ଭୂମିକା ଥିଲା। ଅନ୍ୟତମ ଅତିଥି ଅଖିଳ ଭାରତ କଂଗ୍ରେସ କମିଟିର ସଂପାଦକ ଜି ରୁଦ୍ର ରାଜୁ କହିଲେ ଯେ ଛାତ୍ର ଯୁବକମାନେ ଦେଶର ଭବିଷ୍ୟତ। ସେମାନଙ୍କ ଭିତରେ ରାଷ୍ଟ୍ରୀୟ ଭାବନା ସୃଷ୍ଟି କରିବା କଂଗ୍ରେସ ସେବାଦଳର ମୁଖ୍ୟ କାର୍ଯ୍ୟ। ଏହି ସଂଗଠନକୁ ପ୍ରଶିକ୍ଷଣ ମାଧ୍ୟମରେ ବ୍ୟାପକ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆସନ୍ତା ଡିସେମ୍ବରରେ ହେବାକୁଥିବା ଏହି ସଦ୍‌ଭାବନା ସମାବେଶକୁ ସଫଳ କରିବା ପାଇଁ ଉପସ୍ଥିତ ଜିଲ୍ଲା କର୍ମକର୍ତା ମାନଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ନିରନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଯଜ୍ଞେଶ୍ୱର ବାବୁ, ମିଡିଆ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଓ ପଛୁଆବର୍ଗ ବିଭାଗର ଅଧ୍ୟକ୍ଷ ଜ୍ଞାନଦେବ ବେଉରା ଉପସ୍ଥିତ ରହି ଜିଲ୍ଲା କର୍ମକର୍ତା ମାନଙ୍କୁ ଉତ୍ସାହିତ କରିଥିଲେ। ନିରଦ ବରଣ ଖୁଂଟିଆ ସ୍ୱାଗତ ଭାଷଣ ଓ ଅଶୋକ କୁମାର ସିଂ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସାହାଦୁଲ୍ଲା, ସୁବାସ କୁମାର ପରିଡ଼ା, ଜ୍ୟୋତିଷ କୁମାର ସାହୁ, କୁଳମଣି ସାହୁ, ଦିଲ୍ଲୀପ କୁମାର ପଣ୍ଡା, ମନୋଜ କୁମାର ସାହୁ, ଦୁଃଖିଶ୍ୟାମ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ୩୩ ଗୋଟି ସାଂଗଠନିକ ଜିଲ୍ଲାରୁ କର୍ମକର୍ତାମାନେ ଏହି କାର୍ଯ୍ୟକ୍ରମରେ ଭାଗନେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବାଲେଶ୍ୱରରେ ଜନଜୀବନ ଠପ




ବାଲେଶ୍ୱର (ପିଏନ୍)-ମାନ୍ୟବର ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ରାଜ୍ୟରେ ହିତାଧିକାରୀମାନଙ୍କୁ ସ୍ୱାସ୍ଥ୍ୟ ସେବା କାର୍ଡ ବଣ୍ଟନ କରୁଥିବା ବେଳେ ବାଲେଶ୍ୱରରେ ବାଲେଶ୍ୱର ରିଜର୍ଭ ପୁଲିସ ପଡ଼ିଆରେଏହି କାର୍ଯ୍ୟକ୍ରମ ଥିଲା। ମୁଖ୍ୟମନ୍ତ୍ରୀ ହେଲିକେପ୍ଟରରେ ପହଞ୍ଚିବା ପରେ ବିଜୁ ଜନତା ଦଳର କର୍ମୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବାଲେଶ୍ୱର ବିଧାୟକ ସ୍ୱରୁପ କୁମାର ଦାସ, ମନ୍ତ୍ରୀ ଜ୍ୟୋତିପ୍ରକାସ ପାଣିଗ୍ରାହି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ କହିଲେ ଯେ ମୋ ରାଜ୍ୟର ଭାଇଭଉଣୀମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ମୋର ଦାୟିତ୍ୱ। ଏଥିସହିତ ସ୍ୱସ୍ଥ୍ୟ କାର୍ଡ ବଣ୍ଟନ କରିବା ସହ ବାଲେଶ୍ୱରର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଶେଷରେ ରାଜସ୍ୱମନ୍ତ୍ରୀ ସୁଦାମ ମରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚରେ ଫାଇଭ ଟି ସଚିବ କାର୍ତ୍ତିକେୟ ପାଣ୍ଡିଆନ ଓ ଜିଲ୍ଲା ପ୍ରସାଶନର ଅନାନ୍ୟ କମକର୍ତ୍ତା ଓ ବିଜୁ ଜନତା ଦଳର କର୍ମୀ ଓ ନେତା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ବିରୋଧୀ ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ରେମୁଣାର ପୂର୍ବତ୍ତନ ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ଚିତ୍ତରଞ୍ଜନ ପଣ୍ଡା, ଆଶିସ ଘୋସ, ଶ୍ରୀନିବାସ ପ୍ରଧାନ, ପ୍ରବିର ଶଙ୍କର ଦାସ, ସର୍ବେଶ୍ୱର ପାତ୍ର, ରାଜେସ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, କାର୍ତ୍ତିକ ଗିରି ଏବଂ କଳାପତକା ପଦର୍ଶନ କରିଥିବା ସଭନା ମହାନ୍ତି, ପଶୁରାମ ପରିଡ଼ା, ଶୁସାନ୍ତ କୁମାର ବେହେରା, ସିପ୍ରା ବାଜପେୟୀ ଓ କଂଗ୍ରେସର କିଛି ନେତାମାନଙ୍କୁ ଅଟକ ରଖାଯାଇଥିଲା ଓ କାର୍ଯ୍ୟକ୍ରମ ସମାପ୍ତି ପରେ ସମସ୍ତଙ୍କୁ ନିଃସର୍ତ ଛାଡ଼ି ଦିଆଯାଇଥିଲା। ଏଭଳି ଗିରଫଦାରି ଓ ସରକାରଙ୍କ ଅଗଣତାନ୍ତ୍ରିକ ତଥା ଦମନମୂଳକ ମାନସିକତାକୁ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଦୃଢ଼ ନିନ୍ଦା କରିବା ସହିତ କହିଥିଲେ ଯଦି ବ୍ରାଉନସୁଗାର ଓ ଗାଁ ଗାଁରେ ଚୋରା ମଦ ବିକୁଥିବା ଅପରାଧୀଙ୍କୁ ଏଭଳି ଦମନ କରାଯାଆନ୍ତା ତାହାହେଲେ ସମାଜର ମଙ୍ଗଳ ହୁଅନ୍ତା। ମୁଖ୍ୟମନ୍ତ୍ରୀଙ୍କୁ ପୁରୀ ଓ ଅନ୍ୟ ଜିଲ୍ଲାରେ ଯେଉଳି ଅଣ୍ଡା ଓ ବିଲାତି ମାଡ଼ କରାଯାଉଛି ସେହି ଆଶଙ୍କା ରଖି ବାଲେଶ୍ୱର ଓଟି ରୋଡ଼ ଆଇଟିଆଇ ଛକ ଠାରୁ ଫକିରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତାଘାଟ, ଦୋକାନ, ବଜାର ସବୁ ବନ୍ଦ ଥିଲା। ଏଥିରେ ସାଧାରଣ ଜନତାଙ୍କର ବିପୁଳ କ୍ଷତି ଘଟିଛି ଓ ସ୍ୱାଧୀନତା ମଧ୍ୟ କ୍ଷୁର୍ଣ୍ଣ ହୋଇଛି।

### ବିଜେପିର କର୍ମୀ ସମ୍ମିଳନୀ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଆରୁହା ମଣ୍ଡଳ ଅ'ର୍ଗତ ଥାନୁଆଳ ପଞ୍ଚାୟତରେ ବିଜେପିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତ୍ରୀ ସ୍ମୃତିରେଖା ପହି ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ସଂପର୍କରେ ପ୍ରତ୍ୟେକ ପରିବାର ପାଖରେ ପହଞ୍ଚାଇବାକୁ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ, ହିମାଂଶୁ ମହାପାତ୍ର, ଅଚ୍ୟୁତାନନ୍ଦ ଜେନା, ତପନ ମାହୁ', ସୟ ଲେଙ୍କା ଓ ପର୍ଶୁରାମ କୁଣ୍ଡୁ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ୱାର୍ଡସ୍ତରରେ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ମଲିକ, ଅନ ଦାସ, ସୁରେଶ ମଲିକ, ସୁରେନ୍ଦ୍ର ମଲିକ, ଚନ୍ଦ୍ରମଣି ମଲିକ, ଦୁଃଖୀରାମ ଦୋରା, ପବିତ୍ର ମଲିକ, ଉଦୟନାଥ ପରିଡା, ଅକ୍ଷୟ ମଲିକ, ମହେଶ୍ୱର ବେହେରା, ଜୁଲୁମୟୀ ମଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ନଦୀରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର




ବାଲେଶ୍ୱର (ପିଏନ୍)- ଟାଉନ ଥାନା ଅନ୍ତର୍ଗତ ବାଲିଘାଟଠାରେ ବୁଢ଼ାବଳଙ୍ଗ ନଦୀରେ ଜନୈକା ଅଜଣା ବୃଦ୍ଧା ମହିଳାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ବୃଦ୍ଧାଙ୍କର ମୃତ ଦେହ ନଦୀରେ ଭାସୁଥିବାର ଦେଖି ଖବର ଦେବାପରେ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ଫକୀରମୋହନ ମେଡିକାଲ କଲେଜରେ ରଖାଯିବା ସହ ୭୨ ଘଣ୍ଟା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଏ ବାବଦରେ ସଦର ଥାନା ୟୁଡି କେସ୍ ନଂ ୬୮/୨୧ରେ ମାମଲା ରୁଜୁ ହୋଇଛି।

## କୃଷକ ଆନ୍ଦୋଳନର ଏକବର୍ଷ ପୂର୍ତ୍ତି ଦିବସ




ଭୁବନେଶ୍ୱର (ପିଏନ୍)–୩ଟି କଳା କୃଷି ଆଇନ ଓ ୨୦୨୦ ବିଦ୍ୟୁତ୍ ସଂଶୋଧନ ଆଇନକୁ ବାତିଲ କରିବା ଏବଂ କୃଷକମାନଙ୍କ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ସହ ଅନ୍ୟାନ୍ୟ ଦାବି ଉପରେ ଦିଲ୍ଲୀ ସୀମାନ୍ତରେ ଚାଲିଥିବା ଐତିହାସିକ କୃଷକ ଆନ୍ଦୋଳନର ୧ବର୍ଷ ପୂର୍ତ୍ତି ଦିବସ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଖିଳ ଭାରତ କୃଷକ ସଭା, ଭାରତୀୟ କ୍ଷେତ ମଜଦୁର ୟୁନିୟନ ଓ ଅଖିଳ ଭାରତ ଟ୍ରେଡ଼ ୟୁନିୟନ କଂଗ୍ରେସ ତରଫରୁ ଅଶୋକନଗରସ୍ଥିତ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ପହଞ୍ଚିଥିଲା। ସେଠାରେ ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ, ଭାରତୀୟ କ୍ଷେତ ମଜଦୁର ୟୁନିୟନର ରାଜ୍ୟ ସମ୍ପାଦକ ସୁର ଜେନା ଏବଂ ଏଆଇଟିୟୁସିର ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା ଉଦ୍‌ବୋଧନ ଦେଇ ଆଜିକାର ଦିବସକୁ ସଂଗଠିତ କୃଷକ ଆନ୍ଦୋଳନର ଆଂଶିକ ବିଜୟ ଦିବସ ବୋଲି ବର୍ଣ୍ଣନା କରିଥିଲେ। ସେମାନେ କହିଥିଲେ– କେବଳ କଳା କୃଷି ଆଇନ ପ୍ରତ୍ୟାହାର କରିନେଲେ ଚଳିବ ନାହିଁ। କୃଷକମାନଙ୍କୁ ସେମାନଙ୍କ ଫସଲର ଏମ୍‌ଏସ୍‌ପି ବା ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ଗ୍ୟାରେଣ୍ଟି, ୨୦୨୦ ବିଦ୍ୟୁତ୍ ସଂଶୋଧନ ଆଇନର ପ୍ରତ୍ୟାହାର, ଐତିହାସିକ ଆନ୍ଦୋଳନରେ ଶହୀଦ ହୋଇଥିବା ୭୫୩ଜଣ କୃଷକ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଶହୀଦ ସ୍ମାରକୀ ନିର୍ମାଣ, ଆନ୍ଦୋଳନରତ କୃଷକମାନଙ୍କୁ ଗାଡ଼ି ତଳେ ଚପାଇ ହତ୍ୟା କରିଥିବା ଅପରାଧୀଙ୍କ ପିତା କେନ୍ଦ୍ର ଗୃହରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ସହ ଗିରଫ କରିବା ଏବଂ ଆନ୍ଦୋଳନରତ କୃଷକମାନଙ୍କ ଉପରୁ ମକଦ୍ଦମା ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁରହିବ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ପାଇକରାୟ, କୈଳାସ ପୁହାଣ, ନାରୀନେତ୍ରୀ ନମିତା ସାହୁ ଓ ବିପ୍ଳବକେଶରୀ ମହାପାତ୍ର ପ୍ରମୁଖ ଏହି ଶୋଭାଯାତ୍ରା ଓ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଡାକ୍ତର ରମେଶ ସାହୁଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅ'ର୍ଗତ ଜାରକା ଶିଶୁ ଉଦ୍ୟାନ ନିକଟରେ ଡାକ୍ତର ରମେଶ ଚନ୍ଦ୍ର ସାହୁଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । କବି ଡ. ପ୍ରଶା' କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଳି ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢୀ, ବେଣୁଧର ନାୟକ, ଯୁଧିଷ୍ଠିର ସ୍ୱାଇଁ, ରମାକା' ଜେନା, ନୃସିଂହ ଚରଣ ମିଶ୍ର, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ, ଧର୍ମଶାଳା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା, ରସୁଲପୁରର ଚକ୍ରଧର ସାହୁ, କବି ସଂଗ୍ରାମ କେଶରୀ ଜେନା, ପଦ୍ମଜା ଶରଣ, ହୃଷୀକେଶ ସାମଲ, ବୃନ୍ଦାବନ ଶତପଥୀ, ଆର୍ତ୍ତତ୍ରାଣ ମଲିକ, କାର୍ତ୍ତିକ ମଲିକ ଓ ଅଧ୍ୟାପକ ଚନ୍ଦନ ପ୍ରଧାନ ବକ୍ତା ଭାବେ ଯୋଗ ଦେଇଥିଲେ । ଡ. ସାହୁ ଧର୍ମଶାଳାବାସୀଙ୍କ ବିପଦ ବେଳର ବନ୍ଧୁ ଥିଲେ । ତାଙ୍କ କଥା ଓ ବ୍ୟବହାରରେ ରୋଗୀ ଅଧା ଭଲ ହୋଇ ଯାଉଥିଲେ । କରୋନା ଭୟାବହତାକୁ ଭୃକ୍ଷେପ ନକରି ସେ ଜାରକାସ୍ଥିତ ନିଜ କ୍ଲିନିକ୍‌ରେ ରୋଗୀସେବା ଜାରି ରଖିଥିଲେ । ଗତବର୍ଷ ନଭେମ୍ବର ୧୭ତାରିଖରେ ରୋଗୀ ଚିକିତ୍ସା କରୁଥିବା ସମୟରେ ହୃଦ୍‌ଘାତର ଶୀକାର ହୋଇଥିଲେ । ତାଙ୍କ ଅବର୍ତ୍ତମାନରେ ଜରୁରୀକାଳୀନ ଚିକିତ୍ସାସେବା ପାଇବାରେ ରୋଗୀମାନେ ଏବେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଡ. ସାହୁଙ୍କୁ ମନେ ପକାଉଛନ୍ତି ବୋଲି ବକ୍ତାମାନେ କହିଥିଲେ । ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ୍ ସଂପାଦକ ହିମାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଶ୍ରାଦ୍ଧୋତ୍ସବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବ'ରାୟ, ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାଁ, ଯାଜପୁରର ପୂର୍ବତନ ସିଡିଏମ୍‌ଓ ଡ. ବିଜୟ କୁମାର ଶତପଥୀ, ଧର୍ମଶାଳା କଲେଜ୍‌ର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକା' ଚ୍ୟାଉପଟ୍ଟନାୟକ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବ'ରାୟ, ପୂର୍ବତନ ଅଧ୍ୟକ୍ଷ ଦୁଃଶାସନ ସାହୁ, ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ବ୍ଲକ ବିଜେଡି ସଭାପତି ଜଳଧର ମହାଁ, ନିରଂଜନ ରାଉତ, ନିର୍ମଳ ପ୍ରଧାନ, ଯୁବନେତା ପ୍ରତାପ କୁମାର ପ୍ରଧାନ, ସବ୍ୟସାଚୀ ସୁନ୍ଦରାୟ, କ୍ରୀଡାବିତ୍ ଦେବରାଜ ମିଶ୍ର ପ୍ରମୁଖ ଡ. ସାହୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଟ୍ରଷ୍ଟ୍‌ର ଉପଦେଷ୍ଟା ମିନତୀ ସାହୁ, କାର୍ଯ୍ୟନିର୍ବାହୀ ସୀତାଂଶୁ ଶେଖର ସାହୁ ଓ ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ ।

## ଯୋଡାରେ ଯାଦବ ସମାଜର ବାର୍ଷିକ ସମ୍ମିଳନୀ ଓ ବନ୍ଧୁମିଳନ



ଯୋଡା (ପିଏନ୍)-କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅ'ଗତ ଯୋଡା ବଡବିଲ ପୌରପାଳିକା ଯାଦବ ସମାଜ ପକ୍ଷରୁଏକ ବିରାଟ ସମ୍ମିଳନୀ ଏବଂ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଯୋଡା ଲକ୍ଷ୍ମୀ ପଡିଆ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇ ଯାଇଛି। କେନ୍ଦୁଝର ଜିଲ୍ଲା ଯୁବ ବିଜେଡି ଉପ ସଭାପତି ଏବଂ ଯାଦବ ସମାଜ ର ଜିଲ୍ଲା କାର୍ଯ୍ୟକାରିଣୀ ସଂପାଦକ ସଂଜୀବ କୁମାର ପଲେଇଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ପ୍ରା'ରୁ ଏବଂ ଯୋଡା ବ୍ଲକ ଏବଂ ଯୋଡା ବଡବିଲ ପୌରପାଳିକାରୁ ଅନେକ ଯାଦବ ସଂପ୍ରଦାୟର ଲୋକ ଯୋଗ ଦେଇଥିଲେ। ପ୍ରଥମେ ନିଜ ଇଷ୍ଟ ଦେବ ମାଧବ ଙ୍କୁ ବନ୍ଦନା ଏବଂ ମନ୍ତ୍ର ଉଚ୍ଚାରଣ ସହ ଆଳତୀ କରି ବନ୍ଦାପନା କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଯାଦବ ସମାଜର ଜିଲ୍ଲା କାର୍ଯ୍ୟକାରିଣୀ ସଂପାଦକ ସଂଜୀବ କୁମାର ପଲେଇ ଆମନ୍ତ୍ରୀତ ଅତିଥି ମାନଙ୍କ ପରିଚୟ ଦେଇ ମଂଚକୁ ନିମନ୍ତ୍ରିତ କରି ଉପଢୌକନ ପ୍ରଦାନ କରାଇଥିଲେ। ଯୋଡା ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ସମସ୍ତ ଯାଦବ ନିଜ ନିଜର ପରିଚୟ ପ୍ରଦାନ କରି ସମ୍ମିଳନୀକୁ ଆଗକୁ ବଢାଇଥିଲେ। ଯୋଡା ଟ୍ରକ ମାଲିକ ସଂଘର ସଂପାଦକ ଏବଂ ଯାଦବ ସମାଜର ଯୋଡା ସଭାପତି ସୁଶା' କୁମାର ବାରିକ ପ୍ରଥମେ ସମସ୍ତ ଆଗ'ୁକଙ୍କୁ ସମ୍ବର୍ଦ୍ଧନା ଜଣାଇ ଯାଦବ ସମାଜରେ ସମସ୍ତ ଯାଦବ ଏକଜୁଟ ହୋଇ ରହିବା ସହ ଆଗକୁ ଏହି ସମ୍ମିଳନୀ କୁ କିପରି ମହାସମ୍ମିଳନୀରେ ପରିଣତ କରିହେବ ସେଥିପ୍ରତି ଦିଗଦର୍ଶନ ଦେଇଥିଲେ। ଉପସ୍ତିତ ସମସ୍ତ କର୍ମକର୍ତ୍ତା ସମସ୍ତ ଭେଦଭାବ ଭୂଲି ସମାଜ ର ଉନ୍ନତି ପାଇଁ କାମ କରିବାକୁ ନିଜନିଜର ମତବ୍ୟକ୍ତ କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ କୋରୋନା ପାଇଁ ଗୋଟିଏ ସ୍ଥଗିତ ରହିଥିଲା ବେଳେ ଚଳିତ ବର୍ଷ କୋରୋନା କଟକଣା ଟିକେ କମ୍ ହେବାରୁ ଏ ବର୍ଷ କରାଯାଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଯାଦବ ସମାଜର ଜିଲ୍ଲା ସଭାପତି ପ୍ରଦୀପ ବାରିକ, ଜିଲ୍ଲା ଉପ ସଭାପତି ତ୍ରୀଲୋଚନ ପଲେଇ, କୋଷାଧକ୍ଷ ରାଜେନ୍ଦ୍ର ମହାକୁଡ, ଜିଲ୍ଲା ସଂପାଦକ ପୁର୍ଣ୍ଣଚନ୍ଦ୍ର ନାୟକ, ଯୁବ ସଂପାଦକ ସଂଜୟ ବାରିକ, ଯୁବ ସଂପାଦକ ଦାରୁବ୍ରହ୍ମ ପଲେଇ, ଯୋଡା ବ୍ଲକ ସଭାପତି ଦଶରଥ ବାରିକ, ଉପଦେଷ୍ଟା କ୍ଷେତ୍ରବାସୀ ମହାକୁଡ, ଦାଶରଥି ପ୍ରଧାନଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଗଣ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ବାଲେଶ୍ୱର (ପିଏନ୍)- ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'-୨୦୨୧ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୨ଟି ବ୍ଲକର ୫ ଟି ବିଭାଗ ବକ୍ତୃତା, ପ୍ରବନ୍ଧ, ଲିଖନ, ଚିତ୍ରାଙ୍କନ, ସଙ୍ଗୀତ ଓ ଏକ ଭାରତ, ଶ୍ରେଷ୍ଠ ଭାରତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ପବ୍ଲିକ ସ୍କୁଲରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଗାନ୍ଧୀସ୍ମୃତି ଭବନରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାସ୍ତରୀୟ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଦୀପକ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ପବିତ୍ର ମୋହନ ବାରିକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ନିଜ ପ୍ରତିଭାର ବିକାଶ କରିବା ଏବଂ ସମସ୍ତ ଆହ୍ୱାନର ସାମ୍ନା କରି ନିଜ ଲକ୍ଷ ସ୍ଥଳରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ ନିଜର ମୂଲ୍ୟବାନ ଉପଦେଶ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଉତ୍ସାହିତ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଚଣ୍ଡିଖୋଲ କୋର୍ଟର ୧୫ ତମ ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିନ,ଗାନ୍ଧୀ କଥା ବାରିଷ୍ଟର ଗାନ୍ଧୀ' ଶୀର୍ଷକ ଆଲୋଚନାଚକ୍ର




ଚଣ୍ଡିଖୋଲ, ( ପିଏନ)-ଗାନ୍ଧୀ କଥା ହେଉଛି ଏକ ଲମ୍ବା କାହାଣୀ ଓ ଏହି ଅସରନ୍ତି କାହାଣୀକୁ ଆମ୍ଭେମାନେ ନିଜକାର୍ଯ୍ୟରେ ଲଗାଇବା ଉଚିତ। ଗାନ୍ଧୀଙ୍କ ବାଣୀ ସତ୍ୟ ଓ ଅହିଂସା ଉପରେ ପର୍ଯ୍ୟବେସିତ,ଯେଉଁ ବ୍ୟକ୍ତି ଗାନ୍ଧୀଙ୍କ ନୀତିରେ ଅନୁପ୍ରାଣିତ ହେଇ ନିଜକାର୍ଯ୍ୟରେ ଲଗେଇପାରିବ ସେ ସଫଳତାର ଶୀର୍ଷରେ ପହଂଚିବ ବୋଲି ବିଶିଷ୍ଟ ସ୍ତମ୍ଭକାର ତଥା ନୂଆଦିଲ୍ଲୀସ୍ଥିତ ଗାନ୍ଧୀଶାନ୍ତି ଫାଉଂଡେସନର ରାଷ୍ଟ୍ରୀୟ ଅଧ୍ୟକ୍ଷ କୁମାର ପ୍ରଶାନ୍ତ ମଙ୍ଗଳବାର ଚଣ୍ଡିଖୋଲ କୋର୍ଟର ୧୫ ତମ ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିନର ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି ।ଗାନ୍ଧୀ ନିଜ ଓକିଲାତି ଜୀବନରେ ସର୍ବଦା ସତ୍ୟ ଓ ନ୍ୟାୟକୁ ପ୍ରାଧାନ୍ୟ ଦେଉଥିଲେ ଯେଉଁଥିପାଇଁ ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କୁ ଏକ ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଭାବେ ଲୋକମାନେ ଦେଖୁଥିଲେ.ଆଇନ ପେଶାକୁ ସେ ସାଧାରଣ ଜନତାଙ୍କ ସେବା ପାଇଁ ସର୍ବଦା ଉତ୍ସର୍ଗ କରିଥିଲେ। ସତ୍ୟ ଉପରେ ପର୍ଯ୍ୟବେସିତ ଘଟଣା ନଥିଲେ ସେ ସେହି କେଶକୁ ଲଢୁନଥିଲେ ଓ ସର୍ବପରି ଏହି ପେଶାକୁ ସେବା ମନବୃତିନେଇ ଗାନ୍ଧିଜୀ ସର୍ବଦା କାର୍ଯ୍ୟ କରୁଥିଲେ ବୋଲି ଆଲୋଚନା ଚକ୍ରରେ କୁମାର ପ୍ରଶାନ୍ତ କହିଥିଲେ। ବାର ଆଶସ୍ୱୋସିଏସନର ସଭାପତି ଆଇନଜୀବୀ ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଓଡିଶା ଗାନ୍ଧୀ ଶାନ୍ତି ଫାଉଂଡେସନର ଅଧକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଜିର ଯୁବପିଢ଼ି ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଇ କାର୍ଯ୍ୟକରିବାକୁ ପରମର୍ଶ ଦେଇଥିଲେ। ଆଲୋଚନା ଚକ୍ରରେ ଅନ୍ୟତମ ଗାନ୍ଧିବାଦୀ ବକ୍ତା ସ୍ୱର୍ଗତ ନବକୃଷ୍ଣ ଚଉଧୁରୀଙ୍କ କନ୍ୟା ଉତ୍କଳ ଗାନ୍ଧୀ ସ୍ମାରକୀନିଧିର ରାଜ୍ୟ ସଭାନେତ୍ରୀ କ୍ରିଷ୍ଣା ମହାନ୍ତି ଗାନ୍ଧୀଙ୍କ ବିଚାରଧାରା ଉପରେ ଆଲୋକପାତ କରିଥିଲେ.ଗାନ୍ଧୀ ଥିଲେ ସତ୍ୟ,ଧର୍ମ ଓ ଶାନ୍ତିର ପ୍ରତୀକ । ତାଙ୍କର ଚିନ୍ତାଧାରାରେ ଆଜିର ଯୁବ ସମାଜ ନିଜ ଜୀବନକୁ ଉତ୍ସର୍ଗିକୃତ କରିପାରିଲେ ସମାଜ ପ୍ରଗତିପଥରେ ଆଗେଇ ଚାଲିପାରିବ ବୋଲି କହିଥିଲେ। ବାର ଆଶସୋସିଏସନର ସମ୍ପାଦକ ଆଇନଜିବୀ ପ୍ରକାଶ ଦାସ ଗାନ୍ଧୀଙ୍କ ଆଦର୍ଶରେ ବାରର ସମସ୍ତ ଆଇନୀବୀମାନେ ଅନୁପ୍ରାଣିତ ହେବାକୁ ଅନୁରୋଧ କରିଥିଲେ। ଆଇନଜୀବୀ ଚିନ୍ମୟ ପ୍ରତାପ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇନଜୀବୀ ରେଣୁବାଳା ମହାନ୍ତି , ବାରର ଉପସଭାପତି ଶ୍ରୀକାନ୍ତ ବଳ, ଶିରୀଶ ସାମଲ ପ୍ରମୁଖ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ କୋର୍ଟ ପରିସରରେଥିବା ମଧୁବାବୁ ଓ ଗାନ୍ଧିଜୀଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଚଣ୍ଡିଖୋଲ କଲେଜର ଛାତ୍ରୀମାନେ ଦେଶମ୍ବୋଧକ ଜାତୀୟ ସଂଗୀତ ଗାନ କରିଥିଲେ।ଶେଷରେ ଆଇନଜୀବୀ ଦୀନବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ଶରତ ଚନ୍ଦ୍ର ବଳ, ଶରତ ଷଡଙ୍ଗୀ, ଆଶିଷ କୁମାର ମହାପାତ୍ର, ନଳିନୀକାନ୍ତ ମିଶ୍ର, ସୁଦର୍ଶନ ଘଡେଇ, ମମତା ସାହୁ, ରୋଜାଲିନ ସାହୁ ଓ କୋର୍ଟର ମୋହରିର ମାନେ ଏହି କାର୍ଯ୍ୟରେ ସହଯୋଗ କରିଥିଲେ।

## ବାଲିକୁଦା ଠାରେ ନୂତନ ପୋଲିସ ଫାଣ୍ଡି ପାଇଁ ଦାବୀ କଲେ କଂଗ୍ରେସ ନେତା ରାଜନାରାୟଣ ମହାପାତ୍ର

ଚଣ୍ଡିଖୋଲ,(ପିଏନ): ବଡ଼ଚଣା ନିର୍ବାଚନ ମଣ୍ଡଳୀର ବାଲିଚନ୍ଦ୍ରପୁର ଥାନା ଅଧୀନରେ ରଇପୁର, ସାଉଦିଆ, କୋଲଣଗିରି ,ବଦବାଲିକୁଦା, ବରପଦା, ମଝିପଡା ଓ ଅଛୁତ୍ୱସନ୍ତ ପଂଚାୟତ ରହିଅଛି. ପ୍ରକାଶଥାଉକି ବର୍ତମାନ ଏହି ପଂଚାୟତ ଗୁଡିକ ରନ୍ଗିରିରେ ଏକ ନୂତନ ଥାନା ସହିତ ସଂଲଗ୍ନ ହେବ ବୋଲି ଜଣାପଡିଛି। ଏହି ଅଂଚଳରେ ଇଣ୍ଡିଆନ ବ୍ୟାଙ୍କ, ବିଶ୍ୱପ୍ରସିଦ୍ଧ ଉଦୟଗିରି ପର୍ଯ୍ୟଟନକ୍ଷେତ୍ର , ବୁଦ୍ଧଦେବ ମହାବିଦ୍ୟାଳୟ, ଉଦୟଗିରି ଡାକ୍ତରଖାନା, ହୋମିଓପାଥିକ ଡାକ୍ତରଖାନା ଓ ବାଲିକୁଦା ଠାରେ ଏକ ପଶୁ ଡାକ୍ତରଖାନା ରହିଅଛି। ସେ ଅଂଚଳର ବାଲିକୁଦା ଏକ ବଡବଜ଼ାର ହିସାବରେ ରହିଅଛି। ସେ ଅଂଚଳର ଆଇନଶୃଙ୍ଖଳା ରକ୍ଷା ପାଇଁ ବାଲିଚନ୍ଦରପୁର ଥାନା ଅଧୀନରେ ଥିବା ଜଣେ ଏଶଆଇ ଓ ଜଣେ କନଷ୍ଟେବଲ ପ୍ରତେକ ଦିନ ବାଲିକୁଦା ଠାରେ କାର୍ଯ୍ୟକରିଥାନ୍ତି। ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ବାଲିକୁଦା ଠାରେ ଏକ ନୂତନ ପୋଲିସ ଫାଣ୍ଡି ପ୍ରତିଷ୍ଠା କରିବା ସହ ଉକ୍ତ ଫାଣ୍ଡିକୁ ବାଲିଚନ୍ଦ୍ରପୁର ଥାନା ଅଧୀନରେ ରଖିବାକୁ ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ରାଜ୍ୟସରକାରଙ୍କ ନିକଟରେ ଦାବୀ କରିଛନ୍ତି।

# ଅଖିଳ ଭାରତ କୃଷକ ସଭା ପକ୍ଷରୁ ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବିପତ୍ର




କେନ୍ଦ୍ରାପଡ଼ା,(ପି.ଏନ): ଅଖିଳ ଭାରତ କୃଷକ ସଭା କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଜୱାଦ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବା ପାଇଁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଚଳିତ ଡିସେମ୍ବରମାସରେ ଅସ୍ୱାଭାବିକ ଭାବରେ ବାତ୍ୟା ଜୱାଦର ପ୍ରଭାବରେ ପ୍ରବଳ ବର୍ଷା ହେବା ଫଳରେ ଏହି ଜିଲ୍ଲାରେ ବ୍ୟାପକ ଫସଲ ହାନୀ ଘଟିଛି। ଚାଷ କ୍ଷେତରେ ଅମଳ ପାଇଁ ଥିବା ପାଚିଲା ଧାନ ବାତ୍ୟା ପବନରେ ତଳେ ଶୋଇଯାଇଛି। ଫଳରେ ସେହି ଶୋଇଥିବା ଧାନ ଆଣ୍ଠୁଏଁ ଉଚ୍ଚର ବର୍ଷା ପାଣିରେ ବୁଡି ରହିଛି। ଚାଷୀଙ୍କର ବର୍ଷକର ସମ୍ବଳ ସେହି କ୍ଷେତରେ ପଚି ନଷ୍ଟ ହୋଇଯିବା ଅବସ୍ଥାକୁ ଆସିଯାଇଛି। ସେହିପରି ଜିଲ୍ଲାରେ ପରିବା ଚାଷୀଙ୍କ ଅବସ୍ଥା ମଧ୍ୟ ଏକାପରି ହୋଇଛି। ପନି ପରିବା ଗଛ ଗୁଡିକ ବର୍ଷା ଜଳରେ ବୁଡି ରହିଥିବାରୁ ପରିବା ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଚାଷୀର ବର୍ଷକର ଫସଲ ଆହାର ପାଣିରେ ବୁଡି ଯାଇଥିବା ବେଳେ ଚାଷ ପାଇଁ ବ୍ୟାଙ୍କ ଏବଂ ବିଭିନ୍ନ ଘରୋଇ ସଂସ୍ଥାରୁ ଆଣିଥିବା ଋଣ ଚାଷି କିପରି ଶୁଝିବ ବୋଲି ପ୍ରଶ୍ନ କରିଛି କୃଷକ ସଭାଚକେନ୍ଦ୍ରାପଡା ଜିଲ୍ଲାର ଚାଷୀଙ୍କ ଏଭଳି ଦୁର୍ଦ୍ଦିନ ସମୟରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ପାଇଁ କୃଷକ ସଭା ଦାବି କରିଛି। ସପ୍ତାହକ ମଧରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହଯୋଗରେ ଫସଲ କ୍ଷୟକ୍ଷତିର ସଠିକ ଆକଳନ କରାଯିବା, ଚଳିତ ବର୍ଷ ପାଇଁ ସମସ୍ତ ପ୍ରକାର କୃଷି ଋଣ ସୁଧ ସହ ଛାଡ କରାଯିବା, ବୀମା କମ୍ପାନୀମାନଙ୍କ ଠାରୁ କୃଷକମାନଙ୍କ ବୀମାଭୁକ୍ତ ଫସଲର କ୍ଷତି ପୁରଣ ପ୍ରଶାସନର ତତ୍ୱାବଧାନରେ ତୁରନ୍ତ ପ୍ରଦାନ କରାଯିବା,ଆଗାମୀ ରବି ଫସଲ ଓ ପରିବା ଚାଷ ପାଇଁ ସମସ୍ତ ପ୍ରକାର ସାର, ବିହନ ଓ କୀଟନାଶକ ଚାଷୀଙ୍କୁ ବିନା ମୂଲ୍ୟରେ ପ୍ରଦାନ କରାଯିବା, ଆଗାମୀ ଫସଲ ପାଇଁ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଋଣ ବିନା ସୁଧରେ ଯୋଗାଇ ଦିଆଯିବା ଓ ମଣ୍ଡିରେ ଧାନ ସଂଗ୍ରହ ବେଳେ ଧାନର ଗୁଣାବତ୍ତା ନିର୍ଦ୍ଧାରଣ ପ୍ରତି କୋହଳ ନୀତି ଅବଲମ୍ବନ କରାଯିବାକୁ ଅଖିଳ ଭାରତ କୃଷକ ସଭା ଜିଲ୍ଲା କମିଟି ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଶ୍ରମିକ ନେତା ବାବାଜୀ ଧଳ, ବିକାଶ ଚନ୍ଦ୍ର ବେଉରା, ସୀତାକାନ୍ତ ନାୟକ, ସୁରେଶ ଚନ୍ଦ୍ର ଭୋଳ, ନିରଞ୍ଜନ ଦାଶ, କୁବେର ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ମଳିକ, ବିପଦ ଭଞ୍ଜନ ମଳିକ, ସୁହାନା ବେଗମ, ଦାମୋଦର ମଳିକ, ହରେକୃଷ୍ଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଜୱାଦ ପ୍ରଭାବରେ ଡେରାବିଶ ବ୍ଲକର ଚାଷୀକୂଳ ହତାସ

କେନ୍ଦ୍ରାପଡ଼ା,(ପି.ଏନ): ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଓ ମନୋବଳକୁ ବାତ୍ୟା ଜୱାଦ ଭାଙ୍ଗି ଚୁରମାର କରିଦେଇଛି। ବିଗତ ଦୁଇଦିନ ଧରି ଲାଗି ରହିଥିବା ବାତ୍ୟା ଜନିତ ଲଗାଣ ବର୍ଷାରେ ପାଚିଲା ଧାନ ଫସଲ କିଆରିରେ ଆଣ୍ଠୁଏ ପାଣି ଛିଡା ହୋଇଛି। ଧାନକେଣ୍ଡା ଗୁଡିକ ବର୍ଷା ପାଣିରେ ବୁଡି ଯାଇ ଥିବାରୁ ଧାନ ଗଜା ହେବାକୁ ବସିଲାଣି। ଗତ ବର୍ଷ ରବି ଋତୁରେ ପ୍ରତିକୂଳ ପାଗ ଯୋଗୁଁ ମୁଗ ଓ ବିରି ଫସଲରେ ହୋଇଥିବା ଆର୍ଥିକ କ୍ଷତିକୁ ଭରଣା କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଚାଷୀ ଭାଇମାନେ ଧାନ କଟାର ଅବ୍ୟବହତି ପୂର୍ବରୁ ସଘନ ଚାଷ ପ୍ରଣାଳୀ ପ୍ରତି ପ୍ରଭାବିତ ହୋଇ ନଭେମ୍ବରମାସ ଶେଷ ସପ୍ତାହରେ ଶହ ଶହ ଏକର ପାଚିଲା ଧାନ କିଆରିରେ ଛଟା ବୁଣା କରିଥିବା ସୋରିଷ ଓ ବିରି ବିହନ ଗଜା ହେବା ଅବସ୍ଥାରେ ଏବେ ସଂପୂର୍ଣ୍ଣ ଗଜାଧୋଇ ହୋଇଯାଇଛି। ଚାଷୀଭାଇଙ୍କର ଏଭଳି ଦୁର୍ଦ୍ଦିନରେ ଡେରାବିଶ ବ୍ଲକ ଆତ୍ମା ଅଧ୍ୟକ୍ଷ ଗଣେଶ୍ୱର ବେହେରା ଗଭୀର ଦୁଃଖ ପ୍ରକାଶ କରିବା ସହ ସରକାରଙ୍କ ରିହାତି ବ୍ୟବସ୍ଥାରେ ଚାଷୀମାନଙ୍କୁ ରବି ଜାତୀୟ ବିହନ ସଠିକ ସମୟରେ ପର୍ଯ୍ୟାପ୍ତ ପରିମାଣର ଯୋଗାଇ ଦେବାକୁ ଜିଲ୍ଲା କୃଷି ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ବାତ୍ୟା ଜୱାଦ ପରେ ପାଣିରୁ ଧାନ ଗୋଟାଉଛି ଚାଷୀ

ଆନନ୍ଦପୁର,(ପି.ଏନ):ବାତ୍ୟା ଜୱାଦ ପ୍ରଭାବରେ ହୋଇଥିବା ବର୍ଷା କାରଣରୁ ଚାଷୀଙ୍କ ଚିନ୍ତା ବଢି ଯାଇଛି । ଅଧିକାଂଶ ଖାଲୁଆ ବିଲରେ ପାଚିଲା ଧାନ ପାଣିରେ ବୁଡି ରହିଥିବା ବେଳେ ଏହା ଗଜା ହେବାକୁ ବସିଲାଣି । ଆନନ୍ଦପୁର ବ୍ଲକ ବିରିଡିହା ଅଂଚଳରେ ଚାଷୀ ପାଣିରୁ ଧାନ ଗୋଟାଇବାରେ ଲାଗିଛି । ବର୍ଷକର ପରିଶ୍ରମ ପାଣିରେ ଭାସିଗଲା ଭଳି ପରିସ୍ଥିତି ହୋଇଥିବା ବେଳେ ଏହା ଚାଷୀଙ୍କୁ ଭାରାକ୍ରାନ୍ତ କରିଛି । ପାଚିଲା ଧାନଗଛ ଭାଙ୍ଗି ପାଣି ଉପରେ ଶୋଇଥିବା ବେଳେ ଚାଷୀ ଏହାକୁ ଉଠାଇବାରେ ଲାଗି ପଡିଛି । ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଥିବା ସୂଚନାକୁ ଆଧାର କରି ପୂର୍ବରୁ ଚାଷୀମାନେ ପାଚିଲା ଧାନ ଅମଳ କରିବାକୁ ଯଥେଷ୍ଟ ଉଦ୍ୟମ କରିଥିଲେ ମଧ୍ୟ ସବୁ ଅମଳ କରିବା ସମ୍ଭବ ହୋଇପାରି ନଥିଲା । ଫଳରେ ମଙ୍ଗଳବାର ବର୍ଷା ନଥିବାରୁ ଚାଷୀକୂଳ ଅମଳରେ ଲାଗି ପଡିଛନ୍ତି ।

# ରକ୍ଷକ ପ୍ରକଳ୍ପ ତାଲିମ ଶିବିର

କେନ୍ଦୁଝର,(ପି.ଏନ):ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗଙ୍କ କାର୍ଯ୍ୟସୂଚୀ ଅନୁଯାୟୀ କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସଭାଗୃହ ଠାରେ ୦୬୧୨.୨୦୨୧ରିଖ ସୋମବାର ରକ୍ଷକ ପ୍ରକଳ୍ପର ଏକ ତାଲିମ୍ ଶିବିର କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ରଙ୍କ ଦ୍ୱାରା ଉଦ୍ଘାଟନ ହୋଇଯାଇଛି । ଦୁର୍ଘଟଣାରେ ଆହତ ବ୍ୟକ୍ତଙ୍କ ପାଇଁ ପ୍ରଥମ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ସମୟ ମଧରେ ତୁରନ୍ତ ପ୍ରାଥମିକ ଚିକିତ୍ସା କରାଗଲେ ମୃତ୍ୟୁ ହାର ୫୦ପ୍ରତିଶତ ହ୍ରାସ ପାଇବାର ସମ୍ଭାବନା ରହିଛି । ଏଥି ନିମନ୍ତେ ଫାଷ୍ଟ ରେସପଣ୍ଡର (ସ୍ୱେଚ୍ଛାସେବୀ)ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ, ଡାକ୍ତରଖାନାରେ ତୁରନ୍ତ ଭର୍ତ୍ତି ନିମନ୍ତେ ସହାୟତା କରିବା ପାଇଁ ଉପସ୍ଥିତ ଫାଷ୍ଟ ରେସପଣ୍ଡର ମାନଙ୍କୁ ତାଲିମ ପ୍ରଦାନ ନିହାତି ଆବଶ୍ୟକ । ଏମାନଙ୍କ ଦକ୍ଷତା ବୃଦ୍ଧି ଓ ଏଥିପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଆଂଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ତାଲିମ୍ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଦୁର୍ଘଟଣା ଆଶଙ୍କା ଥିବା ସ୍ଥାନ ନିକଟସ୍ଥ ଏବଂ ରାସ୍ତା ପାର୍ଶ୍ୱରେ ଥିବା ଢାବା, ଗ୍ୟାରେଜ, ଚ଼ ଓ ପାନ ଦୋକାନରେ କାର୍ଯ୍ୟରତ ଏବଂ ସେବା ମନୋବୃତ୍ତି ଥିବା ବ୍ୟକ୍ତଙ୍କୁ ନେଇ ତାଲିମ୍ ଶିବିର କରାଯିବ । ଏହି କାର୍ଯ୍ୟକ୍ରମର ପ୍ରଥମ ଦୁଇଦିନ ଯଥା ୬.୧୨.୨୧ ଏବଂ ୭.୧୨.୨୧ରିଖରେ ରକ୍ଷକ ପ୍ରଶିକ୍ଷକଙ୍କୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସଭାଗୃହ ଠାରେ ମାଷ୍ଟର ଟ୍ରେନର ମାନଙ୍କ ଦ୍ୱାରା ତାଲିମ୍ ପ୍ରଦାନ କରାଯିବ । ତତ୍ ପରବର୍ତ୍ତୀ ୮ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ କ୍ରମାନ୍ୱୟରେ ୦୮.୧୨.୨୧ରିଖ ପଂଚାୟତ କାର୍ଯ୍ୟାଳୟ, ପିପିଳିଆ, ୦୯.୧୨.୨୦୨୧ରିଖ କିପାଣି ବିଦ୍ୟାଳୟ ଏବଂ ୧୦.୧୨.୨୦୨୧ରିଖ ଜାମୁଦଲକ ମ.ଇ. ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମର ବ୍ୟବହାରିକ ତାଲିମ୍ (ପ୍ରାକ୍ଟିକାଲ ଟ୍ରେନିଂ) ଫାଷ୍ଟ ରେସପଣ୍ଡର (ସ୍ୱେଚ୍ଛାସେବୀ), ଉକ୍ତ ଅଂଚଳର ଭଲ୍ୟୁଣ୍ଟର ଏବଂ ଉପସ୍ଥିତ ସ୍ଥାନୀୟ ଜନସାଧାରଣ ମାନଙ୍କୁ ରକ୍ଷକ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଦାନ କରାଯିବ ବୋଲି ଆଂଚଳିକ ପରିବହନ ଅଧିକାରୀ ଉଦ୍ଘାଟନ କାର୍ଯ୍ୟକ୍ରମରେ ଜଣାଇଛନ୍ତି । ରକ୍ଷକ ପ୍ରକଳ୍ପ ତାଲିମ ଶିବିରର ଉଦ୍ଘାଟନ କାର୍ଯ୍ୟକ୍ରମରେ ଦୀପ୍ତି ରଞ୍ଜନ ପାତ୍ର (ଉପ ପରିବହନ ଆୟୁକ୍ତ, ସମ୍ବଲପୁର), ଆଂଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଏବଂ ଡ. ବିକ୍ରମ ମହାନ୍ତି, ମାଷ୍ଟର ଟ୍ରେନର ତାଲିମ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏମ.ଭି.ଆଇ. ଚିତ୍ତରଞ୍ଜନ ସେନାପତି, ରମେଶ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଏମ୍.ଭି.ଆଇ. ଲକ୍ଷ୍ମଣ ନାଏକ, ସହାୟକ ଓ ବିଜୟ କୁମାର ମହାନ୍ତ, କମ୍ପୁଟର ସହାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ସଭାରେ ଚମ୍ପୁଆ,ସଦର, ଘଟଗାଁ, ଆନନ୍ଦପୁର ଏସ୍ଡିପିଓ ତଥା ଆରଟିଓ, ଦେବଗଡ,ଅନୁଗୁଳ,ତାଳଚେର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ସୂଚନଯୋଗ୍ୟ ଯେ ସଡକ ସୁରକ୍ଷା ପାଇଁ 'ରକ୍ଷକ' କାର୍ଯ୍ୟକ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଏକ ଅଭିନବ ପଦକ୍ଷେପ । ସଡକ ଦୁର୍ଘଟଣାରେ ଶୀକାର ହେଉଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ସହାୟତା ଓ ଚିକିତ୍ସା ଯୋଗାଇ ଜୀବନ ବଂଚାଇବା ଏହାର ଉଦ୍ଦେଶ୍ୟ । ଏହାର ସଫଳତା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି ।

# ଝୁମ୍ପୁରା ପଚଂାୟତର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ, ସାହି ବସ୍ତି ରାସ୍ତା ଘାଟରେ କୁଢ କୁଢ ଅଳିଆ ଆବର୍ଜନା । ଶହେ ବର୍ଷର ପୁରୁଣା ଝୁମ୍ପୁରା ବଡ ବନ୍ଧକୁ ଆବର୍ଜନା କୁଣ୍ଡରେ ପରିଣତ କରିବା ପ୍ରୟାସ କରୁଛି ପଚଂାୟତ

ଝୁମ୍ପୁରା,(ପି.ଏନ): ଜାତି ର ପିତା ମହାତ୍ମାଗାନ୍ଧୀ ଙ୍କ ସ୍ୱଚ୍ଛତା ସ୍ୱପ୍ନ କୁ ସାକାର କରିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ପଲ୍ଲୀ ରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ସ୍ୱଚ୍ଛ ରଖିବା ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଚାଲିଛି । ତଥାପି ସ୍ୱଚ୍ଛତା କାର୍ଯ୍ୟକ୍ରମ ଫେଲ ମାରିଥିବା ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ମୁଖ୍ୟାଳୟରେ ଥିବା ଝୁମ୍ପୁରା ପଚଂାୟତର ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି । ପଚଂାୟତର ସାହି ବସ୍ତି ଗଳିକନ୍ଦି,ବଜାର ର ରାସ୍ତା ଘାଟ ଚାରିଆଡେ କୁଢ କୁଢ ଅଳିଆ ଆବର୍ଜନା ପଡି ରହି ପଚା ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ସ୍କୁଲ, କଲେଜ, ମନ୍ଦିର, ଦୋକାନ ବଜାର , ବସଷ୍ଟାଣ୍ଡ ଯିବା ଆସିବା ବେଳେ ଲୋକମାନେ ମୁହଁରେ କପଡା ଜାକି ଯିବା ଆସିବା କରୁଛନ୍ତି । ତଥାପି ସ୍ଥାନୀୟ ଲୋକପ୍ରତିନିଧି ସରପଚଂ ଙ୍କ ସହିତ ପଚଂାୟତ ଅଧିକାରୀମାନେ ନିରବ । କେନ୍ଦୁଝର ଜିଲ୍ଲାର ଅନ୍ୟ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଝୁମ୍ପୁରା ବଜାର ବେଶ ଜଣାଶୁଣା । ଝୁମ୍ପୁରା ବଜାର କୁ ପ୍ରତ୍ୟେକ ଦିନ ଝାରଖଣ୍ଡ, ବିହାର ରାଜ୍ୟ ତଥା କେନ୍ଦୁଝର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହାଜନମାନେ ବ୍ୟବସାୟ କରିବା ପାଇଁ ଅସିଥାନ୍ତି । ଏହା ବ୍ୟତିତ ଦୈନିକ ଆଖପାଖ ଅଚଂଳର ହଜାର ହଜାର ଲୋକ ଝୁମ୍ପୁରା ବଜାରକୁ ଆସି ବେପାରବାଟ କରିଥାନ୍ତି । ଝୁମ୍ପୁରା ବଜାର ଦେଇ ଚମ୍ପୁଆ, ଯୋଡା, ବଡବିଲ, ବଲାଣୀ, କେନ୍ଦୁଝର ,ଘଟଗାଁ, କଟକ, ଭୁବନେଶ୍ୱର, ରାଉରକେଲା ଏବଂ କଲିକତା ଆଦି ସହରକୁ ଶହେ ରୁ ଅଧିକ ବସ ଚଳାଚଳ କରିଥାନ୍ତି । ତେଣୁ ବିଭିନ୍ନ ସ୍ଥାନ କୁ ଯିବା ଆସିବା ନିମନ୍ତେ ଲୋକମାନେ ଝୁମ୍ପୁରା ବସଷ୍ଟଣ୍ଡା ଉପରେ ନିର୍ଭର କରିଥାନ୍ତି । ଦୁଃଖ ଓ ପରିତାପର ବିଷୟ ଝୁମ୍ପୁରା ବସଷ୍ଟାଣ୍ଡରେ ଥିବା ଶୌଚାଳୟର ଅବସ୍ଥା ଅତି ଦୟନୀୟ ହେବା ସହ ଏଭଳି ଦୁର୍ଗନ୍ଧ ହେଉଛି ଯେ ଲୋକମାନେ ଶୌଚାଳୟ ଭିତର କୁ ପ୍ରବେଶ ନକରି ରାସ୍ତା କଡ,ଦୋକାନ ଓ କ୍ଲବ ଘର କାନ୍ଥରେ ପରିଶ୍ରା କରୁଥିବା ଦେଖିବାକୁ ମିଳୁଛି । ବସଷ୍ଟାଣ୍ଡ ର ଚାରି ପାଖରେ ମାସ ମାସ ଧରି ଅଳିଆ ଆବର୍ଜନା ପଡି ରହୁଛି । ଏହା ବ୍ୟତିତ ଝୁମ୍ପୁରା ବସଷ୍ଟାଣ୍ଡ-ସରସ୍ୱତୀ ଶିଶୁମନ୍ଦିର ରାସ୍ତା , ବସଷ୍ଟାଣ୍ଡ-ତ୍ରୀନାଥ ମନ୍ଦିର ଦେଇ ସରକାରୀ ନୋଡାଲ ସ୍କୁଲ ସମ୍ମୁଖ ରାସ୍ତା, ଝୁମ୍ପୁରା ବଜାର ମୁଖ୍ୟ ରାସ୍ତା ଆକ୍ସିସ ଏଟିଏମ୍ ସମ୍ମୁଖ , ଝୁମ୍ପୁରା ବଡ ବନ୍ଧ ଦେଇ ଯାଇଥିବା ମୁଖ୍ୟ ରାସ୍ତା, ଭାଲୁକା ରାସ୍ତା , ଶିଶୁ ମନ୍ଦିର ପଛ ପାଖ ବନ୍ଧ ହୁଡା, ଝୁମ୍ପୁରା ବଜାର ପଛ ପାଖ ଗଳି, ବଡ ବନ୍ଧ ଗାଧୁଆ ତୁଠ, ଝୁମ୍ପୁରା ଦୋଳ ପଡିଆ ଏବଂ ଝୁମ୍ପୁରା ପଚଂାୟତ କାର୍ଯ୍ୟାଳୟର ମୁଖ୍ୟ ରାସ୍ତା ଉପରେ କୁଢ କୁଢ ଅଳିଆ ଆବର୍ଜନା ପଡି ରହୁଛି । ଫଳରେ ଝୁମ୍ପୁରା ପଚଂାୟତର ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହେବା ସହ ପରିବେଶ ଦୂଷିତ ହୋଇପଡିଛି । ଏନେଇ ଗଣମାଧ୍ୟମରେ ଖବର ପ୍ରଚାର ହେଲେ ପଚଂାୟତ କର୍ତ୍ତୃପକ୍ଷ ଧର୍ମକୁ ଆଖି ଠାର ସଦୃଶ ତରବରିଆ ଭାବେ ରାତିଅଧିଆ ଅଳିଆ ଆବର୍ଜନା କୁ ଉଠାଇ ନେଇ ଝୁମ୍ପୁରା ବଡ ବନ୍ଧ ହୁଡା, ଗାଧୁଆ ତୁଠ ପାଖରେ ଜମା କରି ଦେଉଛନ୍ତି । ବନ୍ଧ ହୁଡା ଉପରେ ଜମା ହୋଇଥିବା ଶହ ଶହ ଟ୍ରିପ ଅଳିଆ ଆବର୍ଜନା ସବୁ ଧିରେ ଧିରେ ଧସିଯାଇ ବଡ ବନ୍ଧ ପୋତି ହେବା ସହ ପାଣି ଦୂଷିତ ହେବାରେ ଲାଗିଛି । ଯାହାକି ଝୁମ୍ପୁରା ର ଗର୍ବ ଗୌରବ ଧିରେ ଧିରେ ହଜି ଯିବା ସହିତ ଶହେ ବର୍ଷର ପୁରୁଣା ଝୁମ୍ପୁରା ବଡ ବନ୍ଧ କୁ ଆବର୍ଜନା କୁଣ୍ଡରେ ପରିଣତ କରିବା ପାଇଁ ପଚଂାୟତ ପ୍ରୟାସ କରୁଛି ବୋଲି ଜନସାଧାରଣ , ବାହାର ଅଚଂଳରୁ ଆସୁଥିବା ଲୋକ ତଥା ବୁଦ୍ଧିଜୀବି ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏଥି ପ୍ରତି ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବା ନିମନ୍ତେ ସାଧାରଣରେ ଦାବୀ ହେଉଅଛି । ଏନେଇ ଝୁମ୍ପୁରା ପଚଂାୟତ ର କାର୍ଯ୍ୟନିର୍ବାହି ଅଧିକାରୀ ଇତିଶ୍ରୀ ମହାରଣା ଙ୍କ ମତାମତ ଲୋଡିବାରୁ ଟ୍ରାକ୍ଟର ମିଳୁ ନଥିଲା ତେଣୁ ଅଳିଆ ସଫା ହୋଇପାରିନାହିଁ । ଦିନେ ଦୁଇ ଦିନ ଭିତରେ ସଫା କରାଯିବ ବୋଲି କହିଛନ୍ତି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक



Bhubaneswar Wednesday December 08, 2021 ଭୁବନେଶ୍ୱର ବୁଧବାର, ଡିସେମ୍ବର ୦୮,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ମମିତା ମେହେରଙ୍କୁ ନ୍ୟାୟ ଓ ହତ୍ୟାକାରୀ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଗିରଫ ଓ ବହିଷ୍କାର ଦାବିରେ ଆସନ୍ତା ୧୦ ତାରିଖ ଦିନ ଛାତ୍ର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ

ଭୁବନେଶ୍ୱର,(ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଭୁବନେଶ୍ୱରରେ ଏବଂ ରାଜ୍ୟବ୍ୟାପି ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ନ୍ୟାୟ ଏବଂ ହତ୍ୟାକାରୀ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର ଓ ଗିରଫ ଦାବିରେ ଛାତ୍ର କଂଗ୍ରେସ କ୍ରମାଗତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ କରିଆସୁଛି। ମୁଖ୍ୟମନ୍ତ୍ରୀ ପୋଲିସ ବଳ ପ୍ରୟୋଗ କରି ଛାତ୍ର କଂଗ୍ରେସର କଣ୍ଠରୋଧ କରିବାପାଇଁ ଅପଚେଷ୍ଟା କରିଆସୁଛନ୍ତି। ମାତ୍ର ନବୀନ ପଟ୍ଟନାୟକଙ୍କର ଏହି ଅଗଣତାନ୍ତ୍ରିକ ପଦକ୍ଷେପକୁ ଛାତ୍ର କଂଗ୍ରେସ ଭୃକ୍ଷେପ କରିନାହିଁ ବରଂ ଜେଲ ଯିବାକୁ ପସନ୍ଦ କରିଛି। ଅନେକ ସ୍ଥାନରେ ପୋଲିସ୍ ଉପସ୍ଥିତିରେ ଛାତ୍ର କଂଗ୍ରେସର କର୍ମକର୍ତ୍ତାଙ୍କୁ ବିଜେଡ଼ି ଗୁଣ୍ଡାମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି ଏବଂ ପୋଲିସ ନିରବ ରହିଛି। ପୋଲିସ ବିଜେଡ଼ି ଦଳର କର୍ମକର୍ତ୍ତା ଭାବରେ ନିଜ ପରିଚୟ ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀ ମମିତା ମେହେର ପ୍ରସଙ୍ଗରେ ନୀରବ ରହି ଘରେ ଶୋଇଥିଲେ। ବିଧାନସଭା ବାହାରେ ଏବଂ ବିଧାନସଭାରେ ପ୍ରବଳ ପ୍ରତିବାଦ ହେବାପରେ ଏକ ବିବୃତି ଦେଇ ମମିତା ମେହେର ପ୍ରସଙ୍ଗକୁ ଚପେଇଦେବା ପାଇଁ ହୀନ ଉଦ୍ୟମ କରିଛନ୍ତି। ଅନେକଥର ମୁଖ୍ୟମନ୍ତ୍ରୀ କହନ୍ତି ଆଇନ ତା ବାଟରେ ଯାଉ। ମାତ୍ର ୨୧ ବର୍ଷ ଭିତରେ ବେବିନା, ଇତିଶ୍ରୀ ଠାରୁ ଆରମ୍ଭ କରି ମମିତା ପର୍ଯ୍ୟନ୍ତ ସମସ୍ତ ତଦନ୍ତରେ ମୁଖ୍ୟମନ୍ତ୍ରୀ ଆଇନକୁ ତା ବାଟରେ ଯିବାକୁ ଦେଇ ନାହାନ୍ତି ବରଂ ଆଇନର ପଥ ଅବରୋଧ କରିଛନ୍ତି। ମମିତା ମେହେର ହତ୍ୟାକାଣ୍ଡର ସମସ୍ତ ତଥ୍ୟ ଓ ପ୍ରମାଣକୁ ନଷ୍ଟ କରିଦେବାପରେ ଉଭୟ ମୁଖ୍ୟମନ୍ତ୍ରୀ ଏବଂ ଗୃହରାଷ୍ଟ୍ରମନ୍ତ୍ରୀ



ଦିବ୍ୟଶଙ୍କର ପଦାକୁ ବାହାରି ବିବୃତି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ବିଭିନ୍ନ ସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ପାଖରେ ବସାଇବା ସହ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସୁହାଇଲା ଭଳି ଯେଉଁ ବିବୃତି ରଖିଛନ୍ତି ତାହା ପ୍ରମାଣିତ କରୁଛି ଯେ ମୁଖ୍ୟମନ୍ତ୍ରୀ ହତ୍ୟାକାରୀ ଦିବ୍ୟଶଙ୍କରଙ୍କୁ ସଂପୂର୍ଣ୍ଣ ସମର୍ଥନ କରୁଛନ୍ତି। ୨୧ ବର୍ଷଧରି ବେବିନା ହତ୍ୟାକାରୀ, ମାଧବୀଲତା ହତ୍ୟାକାରୀ, ଟିକିରୀ ଶିକ୍ଷୟତ୍ରୀ ଇତିଶ୍ରୀ ହତ୍ୟାକାରୀ, କୁନ୍ଦୁଲି ଛାତ୍ରୀ ହତ୍ୟାକାରୀ, ସ୍ମିତାରାଣୀ ହତ୍ୟାକାରୀଙ୍କୁ ନବୀନ ପଟ୍ଟନାୟକ ଖୋଜୁଛନ୍ତି ହେଲେ ଅପରାଧି କିଏ ସେ ପାଉନାହାନ୍ତି। କାରଣ ତାଙ୍କରି ଦଳର ବିଧାୟକ, ମନ୍ତ୍ରୀ ଓ ନେତା ଏଥିରେ ସଂପୃକ୍ତ। ଅପରାଧର ପ୍ରମାଣ ନଷ୍ଟକରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାହିର। ଏସବୁ ଅପରାଧର ଅପରାଧି କିଏ ମୁଖ୍ୟମନ୍ତ୍ରୀ ଜାଣନ୍ତି ଜାଣି ମଧ ୨୧ ବର୍ଷ ହେଲା ଖୋଜୁଛନ୍ତି।ଅନ୍ୟପ୍ରସଙ୍ଗରେ ବିଧାନ ସଭାରେ ମମିତା ମେହେର ଆଲୋଚନା ପାଇଁ ମଧ ମୁଖ୍ୟମନ୍ତ୍ରୀ ଡରୁଛନ୍ତି। ଯଦି ମନ୍ତ୍ରୀ ଦିବ୍ୟଶଙ୍କରଙ୍କର ସଂପୃକ୍ତି ନାହିଁ ତେବେ ଏହାର ଉପରେ ବିଧାନସଭାରେ ଆଲୋଚନା କଲେ କ୍ଷତି କ'ଣ?

ମାମଲାର ଅପରାଧିକ ଷଡ଼ଯନ୍ତ୍ରର କୌଣସି ତଦନ୍ତ ପୋଲିସ କରୁନାହିଁ। କଲେଜରେ ଯୌନ କେଳେଙ୍କାରୀ ବାବଦରେ ତଦନ୍ତ ହେଉନାହିଁ। ମୁଖ୍ୟ ଅଭିଯୁକ୍ତ ଦିବ୍ୟଶଙ୍କର ମିଶ୍ରଙ୍କୁ ଖସାଇବା ପାଇଁ ଗୃହ ବିଭାଗ କାର୍ଯ୍ୟରେ ଲାଗିଛି। ବିରୋଧି ଦଳଙ୍କୁ ପ୍ରମାଣ ଯୋଗାଡ଼ କରିବାପାଇଁ କୁହାଯାଉଛି। ତେବେ ସରକାରଙ୍କ ପୋଲିସ ବିଭାଗ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ତଦନ୍ତକାରୀ ସଂସ୍ଥା ଅଛି କାହିଁକି? ମମିତା ମେହେର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ବିରୋଧି ଦଳକୁ ରାଜନୀତି କରୁଛନ୍ତି ବୋଲି କହୁଛନ୍ତି। ବିରୋଧି ଦଳ ମମିତାକୁ ନ୍ୟାୟ ଦେବାପାଇଁ ରାଜନୀତି କରୁଛି। ଛାତ୍ର କଂଗ୍ରେସର ଦାବି :

ହାଇକୋର୍ଟଙ୍କ ତତ୍ୱାବଧାନରେ ଜଣେ କାର୍ଯ୍ୟରତ ବିଚାରପତିଙ୍କ ମାଧ୍ୟମରେ ଏସଆଇଟି ଏହାର ତଦନ୍ତ କରୁ। ହତ୍ୟାକାରୀ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର ଓ ଗିରଫ କରାଯାଉ। ମୁଖ୍ୟମନ୍ତ୍ରୀ ବିରୋଧି ଦଳ ଉପରେ ଲଗାଇଥିବା ଆରୋପ ପାଇଁ କ୍ଷମା ମାଗନ୍ତୁ। ଏହି ପ୍ରସଙ୍ଗରେ ଆସନ୍ତା ୧୦ ତାରିଖ ଦିନ ୧୧ ଘଂଟା ସମୟରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବ। ସାରା ରାଜ୍ୟରେ ଛାତ୍ର ସମାଜ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ନିବେଦନ।ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ ଶ୍ରୀ ରଜତ ଚୌଧୁରୀ ଅଂଶଗ୍ରହଣ କରିଥିଲେ ଯେ ଅପରାଧର ତଦନ୍ତ ପାଇଁ ୨୧ ବର୍ଷର ଶାସନ କାଳରେ ନୀବନ ବାବୁ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଫଳଶୂନ୍ୟ। ପୂର୍ବତନ ମେୟର ତଥା ମଧ୍ୟମ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ଅନନ୍ତ ନାରାୟଣ ଜେନା, ମନ୍ତ୍ରୀ ଅରୁଣ ସାହୁ, ମନ୍ତ୍ରୀ ପ୍ରତାପ ଜେନା, ମନ୍ତ୍ରୀ ବିକ୍ରମ ଆରୁଖ ପ୍ରମୁଖଙ୍କ ବିରୁଦ୍ଧରେ ହତ୍ୟା ଅଭିଯୋଗ ଥାଇ ବର୍ଷ ବର୍ଷ ଧରି ତଦନ୍ତ ଚାଲୁଛି। ମାତ୍ର ଏ ତଦନ୍ତ ମୂଲ୍ୟହୀନ କାରଣ ତୃତୀୟ ମହଲା ଏହି ତଦନ୍ତକୁ ନିୟନ୍ତ୍ରଣ କରୁଛି। ସୁତରାଂ ମନ୍ତ୍ରୀ ଦିବ୍ୟଶଙ୍କର ଗୃହରାଷ୍ଟ୍ର ମନ୍ତ୍ରୀ ଥିବା ପର୍ଯ୍ୟନ୍ତ ତଦନ୍ତ ପ୍ରକ୍ରିୟା ବାଟବଣା ରହିବ ବୋଲି ଶ୍ରୀ ଚୌଧୁରୀ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଅଜୟ ସାହୁ, ଆଦିତ୍ୟ ପ୍ରିତମ ଦାସ, ବିକାଶ ପଶୁପାଳକ, ବିଶ୍ୱଭୂଷଣ ଦାସ ଅଂଶଗ୍ରହଣ କରିଥିଲେ।

## ସରକାରୀ ରକ୍ତଭଣ୍ଡାରରୁ ଘରୋଇ ଡାକ୍ତରଖାନା ରକ୍ତ ଗ୍ରହଣ କରିବା ପାଇଁ ଦାବି

ଭୁବନେଶ୍ୱର,(ପି.ଏନ): ଆମ ରାଜ୍ୟରେ କିଛି ଘରୋଇ ଡାକ୍ତରଖାନା ନିଜସ୍ୱ ରକ୍ତ ଭଣ୍ଡାରରୁ ରକ୍ତ ନେବା ପାଇଁ ରୋଗୀ ମାନଙ୍କୁ ବାଧ୍ୟ କରୁଛନ୍ତି। ଘରୋଇ ରକ୍ତ ଭଣ୍ଡାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ରକ୍ତ ସଂଗ୍ରହ କରିବାର ଅଧୀକାର ନଥିବା ଯୋଗୁଁ ଓ ସରକାରୀ କିମ୍ବା ରେଡକ୍ରସ୍ ରକ୍ତ ଭଣ୍ଡାରରୁ ଘରୋଇ ଡାକ୍ତରଖାନା ମାନେ ରକ୍ତ ଗ୍ରହଣ କରୁ ନଥିବାରୁ ରକ୍ତ ଗଚ୍ଛିତ ଥିଲେ ମଧ୍ୟ ରୋଗୀଙ୍କ ପାଇଁ ରକ୍ତଦାତା ଖୋଜା ପଡୁଛି। କେବଳ ସେତିକି ନୁହେଁ ରକ୍ତ ଗ୍ରହିତାଙ୍କୁ ମଧ୍ୟ ତିନି/ ଚାରି ଗୁଣ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏଥିପାଇଁ ରକ୍ତ ଗ୍ରହିତା ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ରକ୍ତଦାତା ମାନେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ରକ୍ତଦାନ ପାଇଁ ଅରାଜି ହେଉଛନ୍ତି। ସରକାରୀ ଓ ରେଡକ୍ରସ୍ ରକ୍ତ ଭଣ୍ଡାରରୁ ସମସ୍ତ ଘରୋଇ ଡାକ୍ତରଖାନାମାନେ ରକ୍ତ ଗ୍ରହଣ କରିବା ପାଇଁ ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ମୋଟିଭେଟର ଆସୋସିଏସନ ପକ୍ଷରୁ ଦାବି କରାଯାଇଛି। ସମସ୍ତ ଘରୋଇ ଡାକ୍ତରଖାନା ଯେପରି ସରକାରୀ ଓ ରେଡକ୍ରସ୍ ରକ୍ତଭଣ୍ଡାରରୁ ରକ୍ତ ବ୍ୟବହାର କରିବେ ସେଥି ପ୍ରତି ଦୃଷ୍ଟି ଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଅନୁରୋଧ କରିଛନ୍ତି।

## ଖୋର୍ଦ୍ଧା ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ



ଖୋର୍ଦ୍ଧା,(ପି.ଏନ): ରାଜ୍ୟ ସରକାର ଖୋର୍ଦ୍ଧା ଉପଜିଲ୍ଲାପାଳ ଭାବରେ ଜଣେ ଆଇ.ଏ.ଏସ. ଅଧିକାରୀଙ୍କୁ ଅବସ୍ଥାପିତ କରିଥିବା ବେଳେ ତାଙ୍କ ଠାରୁ ନ୍ୟାୟ ପାଇବା ପାଇଁ ଜନ ସାଧାରଣ ବିଫଳ ହୋଇଛନ୍ତି। ଏପରିକି ଆଇନଜୀବି ମାନଙ୍କୁ ଅପମାନିତ କରିବା ଭଳି କାର୍ଯ୍ୟକୁ ନେଇ ଆଜି ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରିବା ସହିତ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳଙ୍କ କ୍ଷମତା ପରିସର ମଧରେ ଆସୁଥିବା ୧୪୪, ୧୩୩ ଧାର ପ୍ରଭୃତି ଜାରି କରିବାକୁ ଉପଜିଲ୍ଲାପାଳ ମନା କରିଦେବା ଆଇନଜୀବି ମାନଙ୍କୁ ସାକ୍ଷାତ କରିବାକୁ ସମୟ ନଦେବା ଏପରିକି ଜନ ସାଧାରଣଙ୍କ ସମସ୍ୟା ଗୁଡ଼ିକ ପ୍ରତି ସମାଧାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ନେଇ ସଂଘ ଦାବୀ କରିଛି। ଠିକ୍ ସେହିପରି ଭାବରେ ଖୋର୍ଦ୍ଧା ତହସିଲଦାର ଏବଂ ଅନ୍ୟ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ୍ ମାନେ ଆଇନଜୀବି ମାନଙ୍କ ପ୍ରତି ଅବମାନନା ଏବଂ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନରେ ବିଫଳତାକୁ ନେଇ ଏହି ସ୍ମାରକ ପତ୍ରରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ୭ ଦିନ ଭିତରେ ଏହି ସମସ୍ୟା ଗୁଡ଼ିକ ସମାଧାନ କରା ନଗଲେ ସଂଘ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲ୍ଲା ଓକିଲ ସଂଘର ସଭାପତି ଅଜିତ୍ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଉପସଭାପତି ଲୋତକବିନ୍ଦୁ ପଟ୍ଟନାୟକ, ସମ୍ପାଦକ ସଂଜୟ କୁମାର ପଟ୍ଟନାୟକ, ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବି ଶିଶିର କୁମାର ପରିଡ଼ା, ନୃସିଂହ ପ୍ରସାଦ ମିଶ୍ରଙ୍କ ସମେତ ଶତାଧିକ ଆଇନଜୀବି ଏହି ଆନ୍ଦୋଳନରେ ସାମିଲ ଥିଲେ।

## ୨ ମାସରେ କିଟ୍ ଓ କିସ୍‌ରେ ୨୦ ହଜାର ଖେଳାଳି ସମାଗମ

ପ୍ରତିବର୍ଷ ଶୀତଋତୁରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭାରତ ତଥା ଭାରତ ବାହାରୁ ଲକ୍ଷାଧିକ ଲୋକ କିଟ୍ ଓ କିସ୍‌କୁ ଆସିଥାନ୍ତି। ବର୍ତ୍ତମାନ କରୋନା ପାଇଁ ଏହି ପ୍ରକ୍ରିୟା ଶିଥିଳ ପଡ଼ିଥିଲେ ମଧ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକ୍ରମ ପାଇଁ କିଟ୍ ଓ କିସ୍‌କୁ ଦେଶ ଓ ବିଦେଶରୁ ଖେଳାଳି, କୋଚ୍ ଓ ଅଫିସିଆଲ୍‌ଙ୍କ ଯିବା ଆସିବା ଓ ରହଣି ଲାଗି ରହିଛି। ଚଳିତବର୍ଷ ନଭେମ୍ବର ଓ ଡିସେମ୍ବର ମାତ୍ର ଦୁଇ ମାସ ମଧରେ ଭାରତର ବିଭିନ୍ନ ସ୍ଥାନ ସମେତ ସମଗ୍ର ବିଶ୍ୱରୁ ୨୦ ହଜାରରୁ ଉର୍ଦ୍ଧ୍ୱ ଖେଳାଳି, କୋଚ୍ ଓ ଅଫିସିଆଲ୍ କିଟ୍ ଓ କିସ୍‌କୁ ଆସୁଛନ୍ତି ଓ ରହୁଛନ୍ତି। ଜାନୁଆରୀ ମାସରେ ମଧ ହେବାକୁ ଥିବା କ୍ରୀଡ଼ା କାର୍ଯ୍ୟକ୍ରମରେ ଆହୁରି ଅନେକ ଖେଳାଳି ଓ ଅଫିସିଆଲ୍ କିଟ୍ ଓ କିସ୍‌କୁ ଆସିବାର କାର୍ଯ୍ୟକ୍ରମ ରହିଛି। ସଂପ୍ରତି କିଟ୍ ଓ କିସ୍‌ରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ତାଲିମ୍ ଓ ଚୟନ ଶିବିର ଆଦି ଚାଲୁ ରହିଛି। ସେଥିମଧ୍ୟରୁ ମାଳଦ୍ୱୀପ ଭଲିବଲ୍ ଦଳର କୋଚିଂ ଶିବିର, ବିସିସିଆଇ ୧୯ବର୍ଷରୁ କମ୍



କୁଚବିହାର ଟ୍ରଫି ୨୦୨୧-୨୨ (ପ୍ଲେଟ୍ ଗ୍ରୁପ୍), ଜାତୀୟ ରଗ୍‌ବୀ ୭-ଏସ୍ ଚାମ୍ପିଅନ୍‌ସିପ୍ (ବରିଷ୍ଠ ଓ କନିଷ୍ଠ), ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ୍, ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ସନ୍ତରଣ (ପୁରୁଷ ଓ ମହିଳା), ୪ର୍ଥ ଜାତୀୟ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍‌ସିପ୍ (ପୁରୁଷ ଓ ମହିଳା) ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ଫୁଟବଲ୍, ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଯୋଗ (ପୁରୁଷ ଓ ମହିଳା), ସର୍ବଭାରତୀୟ ଆନ୍ତଃଜୋନ୍ ଟେନିସ୍ (ପୁରୁଷ), ପୂର୍ବାଞ୍ଚଳ ଜାତୀୟ ବାସ୍କେଟ୍‌ବଲ୍ ଚାମ୍ପିଅନ୍‌ସିପ୍, ଜାତୀୟ ବରିଷ୍ଠ ଓ କନିଷ୍ଠ ଭାରୋତ୍ତୋଳନ ଚାମ୍ପିଅନ୍‌ସିପ୍, ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡ଼କୁଦ (ମହିଳା), ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଟେବୁଲ୍ ଟେନିସ୍ (ମହିଳା), ଜାତୀୟ ବିଦ୍ୟାଳୟ ଚେସ୍ ଚାମ୍ପିଅନ୍‌ସିପ୍ (ବାଳକ ଓ ବାଳିକା), ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା (ପୁରୁଷ ଓ ମହିଳା) ଆଦି ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ଏହି ଖେଳାଳି ଓ ଅଫିସିଆଲ୍‌ମାନେ ଆସୁଛନ୍ତି।ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କରୋନା ସମୟରେ ମଧ କିଟ୍ ଓ କିସ୍‌କୁ ୨୦ ହଜାରରୁ ଉର୍ଦ୍ଧ୍ୱ ଖେଳାଳି ଓ ଅଫିସିଆଲ୍ ଆସିପାରୁଛନ୍ତି। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଓଡ଼ିଶାକୁ ଏମାନଙ୍କ ଆଗମନ ପର୍ଯ୍ୟଟନକୁ ଆହୁରି ଋଦ୍ଧିମନ୍ତ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ଭିଜିଲାନ୍ସ ଜାଲରେ ପଡ଼ିଲେ ଖୋର୍ଦ୍ଧା ଜଳ ସେଚନ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ

ଖୋର୍ଦ୍ଧା,(ପି.ଏନ): ଜଣେ ଠିକାଦାରଙ୍କ ବିଲ ପାସ କରାଇବା ନିମନ୍ତେ ୧୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଖୋର୍ଦ୍ଧା ଜଳ ସେଚନ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ କାମଦେବ ବିଶ୍ୱାଳଙ୍କୁ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଗିରଫ କରିବା ସହିତ ତାଙ୍କ ନିକଟରୁ ୧୦ ହଜାର ଟଙ୍କା ଜବତ କରିଛନ୍ତି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଖୋର୍ଦ୍ଧା ନୂଆବସଷ୍ଟାଣ୍ଡ ସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଶ୍ରୀ ବିଶ୍ୱାଳ ଏହି ଲାଂଚ ଟଙ୍କା ନେଉଥିବା ବେଳେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଭିଜିଲାନ୍ସ ଅଧିକାରୀ ତାଙ୍କୁ ଗିରଫ କରିଥିଲେ। ଏହା ସହିତ ଖୋର୍ଦ୍ଧାସ୍ଥିତ ତାଙ୍କ କାର୍ଯ୍ୟାଳୟ ଭୁବନେଶ୍ୱରସ୍ଥିତ ବାସଭବନ ଏବଂ ତାଙ୍କ ପୈତୃକ ବାସଭବନରେ ଭିଜିଲାନ୍ସ ବିଭାଗ ଦ୍ୱାରା ଚଢାଉ ଜାରି ରହିଥିବା ନେଇ ଭିଜିଲାନ୍ସ ଅଧିକାରୀ ସୂଚନା ଦେଇଛନ୍ତି।

## ନନ୍ଦ ସାର୍‌ଙ୍କ ବିୟୋଗ ସମଗ୍ର ଦେଶର ଶିକ୍ଷା ସମାଜ ପାଇଁ ଅପୂରଣୀୟ କ୍ଷତି : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, (ପି.ଏନ): ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟି ତଥା ନନ୍ଦ ସାରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟି ତଥା ନନ୍ଦ ସାରଙ୍କ ବିୟୋଗରେ ମୁଁ ଦୁଃଖିତ ଓ ମର୍ମାହତ। ବିନା ପାରିଶ୍ରମିକରେ ତିନି ପିଢ଼ି ଧରି ନିରବଚ୍ଛିନ୍ନଭାବେ ଛୋଟ ଛୋଟ ପିଲାଙ୍କୁ ଶିକ୍ଷାଦାନ କରି ଆସୁଥିବା ନନ୍ଦ ସାରଙ୍କ ବିୟୋଗ କେବଳଓଡ଼ିଶା ନୁହେଁ ବରଂ ସମଗ୍ର ଭାରତର ଶିକ୍ଷା ସମାଜ ପାଇଁ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

## ଏସିଆନ୍ ଥାଏବକ୍ସିଂ ଚାମ୍ପିଅନସିପ୍‌ରେ ଓଡ଼ିଶାର ସଫଳତା

ଭୁବନେଶ୍ୱର,(ପି.ଏନ): ଡିସେମ୍ବର ୩ ରୁ ୫ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦର ସୁରନଗର ଇଣ୍ଡୋରଷ୍ଟାଡ଼ିୟମ ଠାରେ ଏସଆନ ଥାଏବକ୍ସିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ଭାଗନେଇଥିବା ୬ ପ୍ରତିଯୋଗୀଙ୍କ ମଧ୍ୟରୁ ୩ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ହାସଲ କରିଛନ୍ତି। ତନ୍ମଧ୍ୟରୁ ଶ୍ରୀଲିପ୍ସା ଆଚାର୍ଯ୍ୟ, କାର୍ତ୍ତିକ ବାହାଦୁର ଓ ନରେଶ ଶର୍ମା ଆଦି ସ୍ୱର୍ଣ୍ଣ ପଦକ ଏବଂ ସରୋଜୀନୀ ସୁନ୍ଦରାୟ, ସଚ୍ଚିନ ମହନ୍ତ, ରାଜା ତନ୍ତି ଆଦି ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ଥାଏ




ବକ୍ସିଂ ସଙ୍ଘର ମହାସଚିବ ଶୁଭେନ୍ଦୁ ସାମନ୍ତରାୟ ଓ ସଂଘର ଅନ୍ୟ କର୍ମକର୍ତ୍ତାମାନେ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray